# ପୁରପଲ୍ଲୀରେ ପ୍ରବାଦ ପୁରୁଷଙ୍କ ଜୟନ୍ତୀ

**ପୁରପଲ୍ଲୀରେ ପାଳିତ ହୋଇଛି ପ୍ରବାଦ ପୁରୁଷ, ଜନନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ । ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା**


କେନ୍ଦ୍ରାପଡା


ପଟ୍ଟାମୁଣ୍ଡାଇ

**କେନ୍ଦ୍ରାପଡା,୫।୩(ସମିସ)**

କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ତରଫରୁ କେନ୍ଦ୍ରାପଡା ସହରରେ ବିଜୁ ଜନତା ଦଳ ତରଫରୁ ବିଜୁ ଜୟନ୍ତୀ ପାଳିତ ହୋଇଥିଲା । ସକାଳେ ସହର ନୂଆ ବସ୍‌ଷ୍ଟାଣ୍ଡ ଓ ପୁରୁଣା ମେଡିକାଲ ଛକ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ସରକାରୀ ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଅପରାହ୍ନ ୪ଘଟିକା ସମୟରେ କେନ୍ଦ୍ରାପଡା ପୌରସଂସ୍ଥା ଟାଉନ ହଲ୍‌ରେ ଏକ ସାଧାରଣ ସଭା କେନ୍ଦ୍ରାପଡା ଜିଲ୍ଲା ବିଜୁ ଜନତା ଦଳ ସଭାପତି ଧିରେନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭାରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟିକା ଡଃ ସିପ୍ରା ମଲ୍ଲିକ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, କେନ୍ଦ୍ରାପଡା ପୌରାଧ୍ୟକ୍ଷା ସରିତା ସାହୁ, ବ୍ଲକ ସଭାପତି ଆଲୋକ ସାହୁ, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢୀ, ନଗର ମହିଳା ସଭାପତି ସ୍ୱର୍ଣ୍ଣପ୍ରଭା କର, ସଂଖ୍ୟାଲଘୁ ସେଲ୍ ସଭାପତି ମହମ୍ମଦ ସେକ୍ ଇନାୟତ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମବାୟବିତ୍ ପ୍ରମୋଦ ସାହୁ, ରବିନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସ, ପ୍ରିୟଦର୍ଶିନୀ ତରାଇ, ମଧୁଛନ୍ଦା ମହାନ୍ତି, ଲୋପାମୁଦ୍ରା ବାରିକ(ରାଜ୍ୟ ମହିଳା ସମ୍ପାଦିକା), କେନ୍ଦ୍ରାପଡା ବ୍ଲକ ଓ ଭାଇସ ଚେୟାରମ୍ୟାନ ପ୍ରତାପ ନାରାୟଣ ମହାପାତ୍ର, ସେକ୍ ଅକମଲ, ଉମେଶ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ୍, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶିନୀ ତରାଇ, ରାଜ୍ୟ ସମ୍ପାଦକ ରଞ୍ଜିତ୍ ସାହୁ, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ମହମ୍ମଦ ସେକ୍ ଇନାୟତ, ଓଡିଶା ମୋ ପରିବାର ଜିଲ୍ଲା ସଂଯୋଜକ ହିରଣ୍ୟ ପଣ୍ଡା, ପ୍ରଦୀପ୍ତ ମହାନ୍ତି, ଦୁଷ୍ମନ୍ତ ମଲ୍ଲିକ, ବିଜୟ ପତି, ଛାତ୍ର ବିଜେଡି ସଭାପତି ପ୍ରଦୀପ ସାହୁ, ଉମେଶ ଚନ୍ଦ୍ର ନାୟକ, ବଳଦେବ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

**ଗରଦପୁର:** ପାଟକୁରା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ବଙ୍ଗାଳପୁର ପଞ୍ଚାୟତ ଚଅଁପୁର ପଡିଆଠାରେ ଯୋଗ ଦେଇ ବିଜୁବାବୁଙ୍କ ସ୍ମୃତିକୁ ମନେପକାଇଥିଲେ । ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, ସତ୍ୟାନନ୍ଦ ରାଉତ, ଏଲିଜା ସ୍ୱାଇଁ , ଅରବିନ୍ଦ ମଲ୍ଲିକ, ଧନେଶ୍ୱର ସେଠୀ ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଗରଦପୁର ବ୍ଲକ୍ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ସରପଞ୍ଚ ଅମୀୟ କୁମାର ଜେନା, ସମିତି ସଭ୍ୟ ମହେଶ୍ୱତା ସାମଲ, ଭଗବାନ ଜେନା ପ୍ରମୁଖ ଯୋଗଦେଇଥିଲେ ।

**ମାର୍ଶାଘାଇ:** ମହାକାଳପଡ଼ା ନିର୍ବାଚନମଣ୍ଡଳୀ ସ୍ତରୀୟ କାର୍ଯ୍ୟକ୍ରମ ମାର୍ଶାଘାଇ ବ୍ଲକ ଗିରଙ୍ଗ ମୋହନମୁରଲୀପୀଠରେ ଅନୁଷ୍ଠିତ ହୋଇଯାଇଛି । ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠଇତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖାଦ୍ୟ ଯୋଗଣ ଓ ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ବିଜୁବାବୁ ଅଖଣ୍ଡଭାରତ ଜାମ୍ମୁକାଶ୍ମୀର ମିଶାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ଦୁର୍ଗାବୀ ପ୍ରଧାନ, ବିଜୟ କୁମାର ଜେନା, ଅଶୋକ ମହାପାତ୍ର, ଜିଲ୍ଲା ବିଜେଡି ଉପସଭାପତି ଗଙ୍ଗାଧର ପରିଡ଼ା, ଇଂ ମନୋଜ କୁମାର ପରିଡା, ନାରୀନେତ୍ରୀ ସୁରଭି ଜେନା, ଅନୁରାଧା ସ୍ୱାଇଁ, କବିତା ମଲ୍ଲିକ୍, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସରୋଜିନୀ ସେଠୀ, ନଳିନୀପ୍ରଭା ଚୌଧୁରୀ, ଆରସିଏମ୍‌ଏସ୍ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲ୍ଲାପରିଷଦ ସଭ୍ୟ ପ୍ରତାପ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ କେନ୍ଦ୍ରାପଡ଼ା ପ୍ରତି ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ ।

**ରାଜନଗର:** ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ପ୍ରବାଦପୁରୁଷଙ୍କ ପ୍ରତିମୂର୍ତ୍ତି ଓ ତ୍ରିନାଥବଜାରସ୍ଥିତ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବ୍ଲକ ବିଜେଡି ସଭାପତି ନିରଂଜନ ରାଉତ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଆମ୍ବାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରହରି ଜେନା, ଜିଲ୍ଲା ଓବିସି ସେଲ ସଭାପତି ବିଜୟ ନାୟକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ମିଡିଆ ସଂଯୋଜକ ବିଜ୍ଞାନ ରଞ୍ଜନ ଜେନା, କୁରୁଣ୍ଟି ସେବା ସମବାୟ ସମିତି ସଭାପତି ଶ୍ରୀକାନ୍ତ କୁମାର ପ୍ରଧାନ, ବିଜେଡିନେତା ପ୍ରସନ୍ନ କୁମାର ଦାସ, ତ୍ରିଲୋଚନ ସାହୁ, ପ୍ରଦୀପ ବେହେରା, ପ୍ରଭାତ କୁମାର ପ୍ରଧାନ, ଭାଗବତ ରଥ, ସନ୍ୟାସୀ ରାଉତ, ପ୍ରଦୀପ ବେହେରା, ପ୍ରଭାତ ଜେନା ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ସେହିପରି ଇଶ୍ୱରପୁର ପଞ୍ଚାୟତର ରିଘାଗଡଠାରେ ଥିବା ଜରାନିବାସରେ ଅନ୍ତେବାସୀମାନଙ୍କୁ ବିଜୁ ଜନତା ଦଳର କର୍ମୀମାନେ ଫଳ ଓ ଖାଦ୍ୟ ପ୍ରଦାନ କରିଥିଲେ ।

**ପଟ୍ଟାମୁଣ୍ଡାଇ:** ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ରାଜନୈତିକ ଜୀବନନ୍ୟାସ ଦେଇଥିବା ରାଜନଗର ନିର୍ବାଚନ ମଣ୍ଡଳୀ ବିଶେଷ କରି ବିକଶିତ ପଟ୍ଟାମୁଣ୍ଡାଇ ଓ ରାଜନଗର ହେବ ବିଜୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଅବସରରେ ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ସ୍ଥାନୀୟ ବସଷ୍ଟାଣ୍ଡଠାରେ ଆୟୋଜିତ ଜନସଭାରେ ବିଧାୟକ ଧ୍ରୁବ ସାହୁ କହିଛନ୍ତି । ଏହି ଉପଲକ୍ଷେ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ରାଜନଗର ବିଧାୟକ ବିଜୁ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ରାଜ୍ୟ ବିଜେଡି ପର୍ଯ୍ୟବେକ୍ଷକ ମିଟୁ ଦାଶ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବ୍ଲକ ଯୁବ ବିଜେଡି ସଭାପତି କୈଳାଶ ସିଂହ, ନଗର ମହିଳା ବିଜେଡି ସଭାନେତ୍ରୀ ଲାସ୍ୟମୟୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଂଜନ ବିଶ୍ୱାଳ, ଜିଲ୍ଲା ବିଜେଡି ସାଧାରଣସମ୍ପାଦକ ଶ୍ରୀକାନ୍ତ ରାଉତ, ଜିଲ୍ଲା ଯୁବବିଜେଡି ସମ୍ପାଦକ ଅଶୋକ ଧଳ, ଇଂ ସ୍ୱପ୍ନ ରଞ୍ଜନ ବେହେରା, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ ଓ ସୁବାସ ଦାଶ, ଧନୁର୍ଜୟ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବିକାଶପରିଷଦ ସଭାପତି ଗୋପୀ ବଲ୍ଲଭ ନାୟକ, ଜିଲ୍ଲା ଦଳିତ ସେଲ ପ୍ରାକ୍ତନ ସଭାପତି ବାରେଣୀ ସେଠୀ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ କଳାକର ପ୍ରଧାନ ପ୍ରମୁଖ ଭାଷଣ ଦେଇଥିଲେ । ୧୬ ନଂ ଜୋନ ବିଜେପି ଯୁବନେତା ଅଜିତାଭ ସ୍ୱାଇଁ ବିଜେଡିରେ ସାମିଲ ହୋଇ ଥିବା ଘୋଷଣା କରାଯାଇଥିଲା । ସଭା ପୂର୍ବରୁ ଶହ ଶହ ବିଜେଡି କର୍ମୀ ସ୍ଥାନୀୟ ହରପାର୍ବତୀ ମନ୍ଦିର ଠାରୁ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ସଭା ସ୍ଥଳରେ ପହଞ୍ଚିଥିଲେ । ବାଇପାସ ଛକ ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

**ଡେରାବିଶ:** ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ କୃଷକ ଭବନ ପରିସରରେ ବିଜୁ ପଟ୍ଟନାୟକଙ୍କ ପାଟକୁରା ନିର୍ବାଚନମଣ୍ଡଳୀ ସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଡେରାବିଶର ଅସ୍ମିତା ଓ ପାଟକୁରା ସ୍ୱାଭିମାନ ମଞ୍ଚ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର ମିଳିତ ସହଯୋଗରେ ଆୟୋଜିତ ଏହି ଜୟନ୍ତୀ ସମାରେହରେ ଜିଲ୍ଲା ଚାଷୀ ଓ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ । ସମାରୋହରେ ବରିଷ୍ଠ ବିଜେଡ଼ି ନେତା ତଥା ଡେରାବିଶ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟତମ ବକ୍ତା ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେଡ଼ି ନେତା ହଳଧର ଦାଶ, ସାମାଜିକ କର୍ମୀ ସଚ୍ଚିଦାନନ୍ଦ ରଥ, ଅଲେଖ ଚନ୍ଦ୍ର ବେହେରା, ବିଜନ ରାୟ, କୃତିବାସ ଦାସ, ଅମୀୟ ପରିଜା, ପରିକ୍ଷିତ ନାୟକ, ସୁଜିତ ବଳ, ଲକ୍ଷ୍ମୀଧର ମହାପାତ୍ର, ଅମ୍ବିକା ପ୍ରସାଦ ରଥ, ବିପିନି ବିହାରୀ ସାହୁ, ସରପଞ୍ଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ନିରନ କର ଓ ପ୍ରଫୁଲ୍ଲ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।


ଗରଦପୁର


ମାର୍ଶାଘାଇ


ରାଜନଗର


DSPL-792

ଆମ ଓଡ଼ିଶା ନବୀନ ଓଡ଼ିଶା

OHHDPC

ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ କାର୍ଯ୍ୟାଳୟ

ଶୁଭ ଉଦ୍‌ଘାଟନ

୬ ମାର୍ଚ୍ଚ ୨୦୨୪ | ସନ୍ଧ୍ୟା ୫.୫୫
ଘାଟିକିଆ, ଭୁବନେଶ୍ୱର









ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-31001/13/0004/2324

# ପଞ୍ଚାୟତିରାଜ, ଲୋକସେବା ଦିବସ ଓ ବିଜୁ ଜୟନ୍ତୀ

- ପଣ୍ଡୁଆ ଓ ଏରସମାକୁ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର
- ଗୋପାଳପୁରକୁ ବିଜୁପଟ୍ଟନାୟକ ସଶକ୍ତକରଣ ପୁରସ୍କାର





ଜଗତସିଂହପୁର, ୫।୩(ସମିସ):

ଜଗତସିଂହପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ, ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତିରାଜ ତଥା ଲୋକସେବା ଦିବସ ଅତିରିକ୍ତ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସୁଜାତା ମହାନ୍ତି ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁବାବୁ ଝଡ଼ର ଇଗଲ, କଳିଙ୍ଗ ବୀର ଥିଲେ। ମାର୍ଚ୍ଚ ୫ ହେଉଛି ତାଙ୍କରି ଜନ୍ମ ଦିବସ ଯାହାକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଉଛି ବୋଲି କହିଥିଲେ। ଓଡ଼ିଶାକୁ ଏକ ବିକାଶଶୀଳ ରାଷ୍ଟ୍ରରେ ପରିଣତ କରିବା ପାଇଁ ବିଜୁ ବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ, ସେହି ସ୍ୱପ୍ନକୁ ସାକାର କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚେଷ୍ଟା କରି ଆସୁଛନ୍ତି ବୋଲି କହିଥିଲେ।

ସଭା ପ୍ରାରମ୍ଭରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଳି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଦିବସ ପାଳନ ଅବସରରେ ଜିଲ୍ଲାର ଶ୍ରେଷ୍ଠ ପଞ୍ଚାୟତ ଭାବେ କୁଜଙ୍ଗ ବ୍ଲକର ପଣ୍ଡୁଆ ଗ୍ରାମ ପଞ୍ଚାୟତକୁ ୧ ଲକ୍ଷ ୫୦ ହଜାର ଟଙ୍କା, ଏରସମା ବ୍ଲକର ଏରସମା ଗ୍ରାମ ପଞ୍ଚାୟତକୁ ୧ ଲକ୍ଷ ୨୫ ହଜାର ଟଙ୍କା ଓ ତିର୍ତ୍ତୋଲ ବ୍ଲକର ଗୋପାଳପୁର (ଏସ)କୁ ୧ ଲକ୍ଷ ଟଙ୍କା ବିଜୁ ପଟ୍ଟନାୟକ ସଶକ୍ତିକରଣ ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା। ସେହିପରି ପୃଷ୍ଟି ପଞ୍ଚାୟତ ଭାବେ ରଘୁନାଥପୁର ବ୍ଲକର ତଅଁରା ଗ୍ରାମ ପଞ୍ଚାୟତକୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ ଜଗତସିଂହପୁର ବ୍ଲକର ବେନୁପୁର(ବି) ଅଙ୍ଗନବାଡି କେନ୍ଦ୍ରକୁ ୨୦ ହଜାର, ଏରସମା ବ୍ଲକର ସାଇଁତୋଲ ଅଙ୍ଗନବାଡି କେନ୍ଦ୍ରକୁ ୧୫ ହଜାର ଟଙ୍କା ଓ ବାଲିକୁଦା ବ୍ଲକର ଗଡ଼ରଡଙ୍ଗ ଅଙ୍ଗନବାଡି କେନ୍ଦ୍ରକୁ ୧୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା ଓ ଏହି ସଭାରେ ଜିଲ୍ଲା ପରିଷଦର ସଦସ୍ୟ ସଦସ୍ୟା, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ସ୍ତରୀୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

**ବାଲିକୁଦା:** ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଜେଡି ଯୁବନେତା ସଞ୍ଜୀବ ଏସ ବିଶ୍ୱାଳଙ୍କ ନେତୃତ୍ୱରେ ବିଜୁ ଜୟନ୍ତୀ ବାଲିକୁଦା ବ୍ଲକ ନୂଆଗାଁ ସ୍ଥିତ ମା' କରକେଇ ପୀଠରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ତିହୁଡି ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶତାଧିକ ବିଜୁ ଜନତା ଦଳର ଯୁବକଙ୍କ ଦ୍ୱାରା ତହସିଲ ଛକଠାରୁ ଏକ ସାଇକଲ ଶୋଭାଯାତ୍ରାରେ ମା' କରକେଇଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ବିଜୁ କିପରି ପ୍ରେରଣାର ଉତ୍ସ ଥିଲେ ଦଳୀୟ କର୍ମୀମାନଙ୍କୁ କହିଥିଲେ। ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଉପସ୍ଥିତ ବିଜେଡି ନେତା ସଞ୍ଜୀବ ଦାବି କରିଥିଲେ। ଏହି ଅବସରରେ ସେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରିଥିଲେ। କଟକ ମେଡିକାଲରୁ ବିଭିନ୍ନ ବିଭାଗର ଡାକ୍ତରଙ୍କ ସହାୟତାରେ ଜନସାଧାରଣଙ୍କୁ ଚିକିତ୍ସା କରାଯାଇ ମାଗଣା ଔଷଧ ବଣ୍ଟନ କରିଥିଲେ। ପ୍ରତ୍ୟକ ରୋଗୀ ମାନଙ୍କ ପାଇଁ ଖାଦ୍ୟ ପେୟ ବ୍ୟବସ୍ଥା କରାଯାଇଥିବା ବେଳେ ସେମାନଙ୍କ ରକ୍ତ ମଧ୍ୟ ପରୀକ୍ଷା କରାଯାଇଥିଲା।ଆଜିର ଏହି ମହାନ ଦିବସରେ ଏଭଳି ଏକ ମହତ କାର୍ଯ୍ୟ କରି ବିଜୁ ବାବୁଙ୍କ ପ୍ରତି ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ସଞ୍ଜୀବ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଅପଣ୍ଡରା ସରପଞ୍ଚ ଉର୍ମିଳା ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ମହାନ୍ତି, ଅଳାଭର ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ଅଳାବୋଳ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ଅନନ୍ତପୁର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ପାଇଟାଳ, ବଡ଼ଗାଁ ପୂର୍ବତନ ସରପଞ୍ଚ ହେମନ୍ତ ସେଠି, ପୂର୍ବତନ ସମିତିସଭ୍ୟ ପ୍ରତାପ ଚନ୍ଦ୍ର ବିଶ୍ୱାଳ, ବନ୍ଧୁ ଚରଣ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ଅବିନାଶ ସାହୁଙ୍କ ସମେତ ଅନେକ ପୂର୍ବତନ ସରପଞ୍ଚ ସମିତି ସଭ୍ୟ ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



**ତିର୍ତ୍ତୋଲ:** ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତ ବିଜେଡି କାର୍ଯ୍ୟାଳୟରେ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ସନାତନ ଦଳାଇ ଯୋଗଦେଇ ବିଜୁ ବାବୁଙ୍କ ମହାନ ରାଜନୈତିକ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ପ୍ରଣବ କୁମାର ସାହୁ, ଶିବଶଙ୍କର ସ୍ୱାଇଁ, ବିକାଶ ପଣ୍ଡା, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଅଖିଳ ଦାସ, ଜିତେନ୍ଦ୍ର ଦଳାଇ, ଅକ୍ଷେଶ ସ୍ୱାଇଁ, ସୌମେନ୍ଦ୍ର ଦଳାଇ, ରାକେଶ ଦଳାଇ, ସିତ ଦଳାଇ, ଚନ୍ଦନ ଦଳାଇ, ସ୍ୱୟଂଭୂ ବିଶ୍ୱାସ ସ୍ୱାଇଁ, ସଂଗ୍ରାମ ଦ୍ୱାସଙ୍କ ପ୍ରମୁଖ ଯୋଗଦେଇଥିଲେ।





**ଏରସମା :** ଏରସମାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରଘୁନନ୍ଦନ ଦାସଙ୍କ ନେତୃତ୍ୱରେ ଏରସମା ସଦର ହାଇସ୍କୁଲ ନିକଟସ୍ଥ ମିନି ଷ୍ଟାଡିୟମଠାରେ ଏକ ବିଶାଳ ସମାବେଶ ଆୟୋଜିତ ହୋଇଥିଲା। ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ଏରସମାସ୍ଥିତ ଗାନ୍ଧିଜୀ ଏବଂ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ରାଲିରେ ଯାଇ ସମସ୍ତେ ସଭାସ୍ଥଳରେ ପହଞ୍ଚିଥିଲେ। ଜିଲ୍ଲାପରିଷଦ ସଭ୍ୟ ତଥା ବ୍ଲକ ସଭାପତି ପୀତବାସ ଗୋଛାୟତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ରଘୁନନ୍ଦନ ଦାସ, ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ନିର୍ବାଚନ ମଣ୍ଡଳୀ ପର୍ଯ୍ୟ ମିନକେତନ ଅମାତ, ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଗିରିଶ ଚନ୍ଦ୍ର ଦାସ, ଜିଲ୍ଲା ଯୁବ ସଭାପତି ସୋମ୍ୟଜିତ ମହାପାତ୍ର, ଜିଲ୍ଲା ମହିଳା ସଭାପତି ସବିତା ମହାପାତ୍ର, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସାଂସଦ ପ୍ରତିନିଧି ଅକ୍ଷୟ ସ୍ୱାଇଁ, ବାଲିକୁଦା ବ୍ଲକ ସଭାପତି ରତ୍ନାକର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ରାନୀ ଟୁଡୁ, ରୁନିଲତା ବେହେରା, ଡଲି ପଣ୍ଡା, ତଟିନା ସ୍ୱାଇଁ, ଜଟାଧାରୀ ଦାସ, ଯୁବନେତା ଆଦିତ୍ୟ ନନ୍ଦନ ଦାସ, ନିର୍ବାଚନ ମଣ୍ଡଳୀ କଟକ କେନ୍ଦ୍ର ସମବାୟ ସମିତି ସମ୍ପାଦକ ସରୋଜ କୁମାର ମହାପାତ୍ରଙ୍କ ସମେତ ବିଜୁ ଜନତା ଦଳ ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଏବଂ ବହୁ ବରିଷ୍ଠ ନେତୃମଣ୍ଡଳୀ ଯୋଗଦେଇଥିଲେ। ଶେଷରେ ବାବୁଲି ଭାଇ ଫ୍ୟାନ୍ ଗୀତରେ ଝୁମିଲେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ସହ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ଯୁବ ଓ ଛାତ୍ର ନେତାମାନେ।

**ନାଉଗାଁ:** ନାଉଗାଁ ବ୍ଲକ ସ୍ଥିତ ମଣିକର୍ଣ୍ଣିକାଘାଟ ଚଗଲିଦାସ ମଠ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି ବିଜୁ ଜୟନ୍ତୀ। ମୁଖ୍ୟ ଅତିଥିଭାବେ ସାଂସଦ ରାଜଶ୍ରୀ ମଲ୍ଲିକ, ବିଶିଷ୍ଟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ମୁଦୁଲି, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷଚନ୍ଦ୍ର ଦାସ, ଜିଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଉପାଧ୍ୟକ୍ଷ ସୁଜିତ ପୁହାଣ ପ୍ରମୁଖ ଯୋଗଦେଇ ଥିଲେ। ସର୍ବ ପ୍ରଥମେ ନୂଆପାଟଣା ଛକଠାରୁ ୪ହଜାରରୁ ଊର୍ଦ୍ଧ୍ୱ କର୍ମୀ ବାଇକ୍ ଶୋଭାଯାତ୍ରାରେ ଅତିଥି ମାନଙ୍କୁ ଆଣି କାର୍ଯ୍ୟକ୍ରମ ସ୍ଥଳରେ ପହଁଚିଥିଲେ। ଅତିଥିମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ଉଦ୍‌ବୋଧନ ଦେଇଥିଲେ।



**ଜଗତସିଂହପୁର, :** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟାୱରୀ ମୁନିସିପାଲିଟି ସମ୍ମୁଖରେ ବିଜୁପଟ୍ଟନାୟକ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ବିଜୁବାବୁଙ୍କ ଉପସ୍ଥିତ ରହି ମଧ୍ୟ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ତହସିଲଦାର ତଥା ଭାରପ୍ରାପ୍ତ ପୌରନିର୍ବାହୀ ଅଧିକାରୀ ତାରିଣୀ ରଞ୍ଜନ ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ପୌର ପରିଷଦ ମୁଖ୍ୟ ସହାୟକ ଦୀପକ ପଟ୍ଟନାୟକ ଓ ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ପାରାଦୀପ:** ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ଅଠରବାଙ୍କୀସ୍ଥିତ ବିଜୁ ଉଦ୍ୟାନ ପରିସରରେ ଅନୁଷ୍ଠିତ ସମାରୋହରେ ନଗର ବିଜେଡି ସଭାପତି ତଥା ନଗରପାଳ ବସନ୍ତ ବିଶ୍ୱାଳଙ୍କ ପୌରୋହିତ୍ୟ ଆୟୋଜିତ ସମାରୋହରେ ବିଜୁ ପ୍ରେମୀମାନେ ଯୋଗ ଦେଇ ବିଜୁ ବାବୁଙ୍କ ପୂର୍ଣ୍ଣ ଅବୟବରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦଙ୍କ ସମେତ ପାରାଦୀପ ବନ୍ଦରର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଡା.କୁଳମଣି ସାମଲ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ଉପସଭାପତି ଜ୍ୟାତିକାନ୍ତ ପରିଡ଼ା, ଜିଲ୍ଲା ସମ୍ପାଦକ ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ, ଜିଲ୍ଲା ମହିଳା ବିଜେଡି ସାଧାରଣ ସମ୍ପାଦିକା ଚପଳା ସ୍ୱାଇଁ, ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ର, ପାରିଷଦ ଅଜିତ କୁମାର ଷଡଙ୍ଗୀ, ମନୋଜ କୁମାର ନାୟକ, ସୁଶାନ୍ତ କୁମାର ଦାସ, ନବ କିଶୋର ବେହେରା, ଜୋନ୍ ସଭାପତି ବିସ୍ୱନାଥ ବଳ, ପୂର୍ବତନ ପାରିଷଦ ଅଜୟ କୁମାର ନାୟକ, ମନୋଜ ବେହେରାଙ୍କ ସମେତ ବହୁ ବିଜେଡି ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଏହି ଅବସରରେ ସକାଳେ ବିଜୁ ମେମୋରିଆଲ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ, ବୃକ୍ଷ ରୋପଣ, ସ୍ୱଚ୍ଛ ଭାରତ ଅଭିଯାନ ଓ ବନ୍ଦରାଞ୍ଚଳରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି କାର୍ଯ୍ୟକ୍ରମ ହୋଇଥିଲା।

## ରଘୁନାଥପୁର ବ୍ଲକ ବିଜେଡି ତରଫରୁ ସାଇକଲ ଶୋଭାଯାତ୍ରା

**ରଘୁନାଥପୁର:** ବିଜୁ ପଟ୍ଟନାୟକ ଙ୍କ ୧୦୮ତମ ଜନ୍ମ ବାର୍ଷିକ ଉପଲକ୍ଷେ ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ବିଶାଳ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗ ଦେଇଥିବାବେଳେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ବିଜେଡି ନେତା ରମାକାନ୍ତ ଭୋଇ, ଯୁଧିଷ୍ଠିର ସେଠି, ସୁରେନ୍ଦ୍ରନାଥ ମହାପାତ୍ର, ବ୍ଲକ ବିଜୁ ମହିଳା ସଭାପତି ଶାନ୍ତିଲତା ଦିବେଦୀ, ଜିଲ୍ଲାପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ ଇତିଶ୍ରୀ ମଳିକ, ଜିଲ୍ଲା ବିଜେଡି ସମ୍ପାଦକ ତାରାକାନ୍ତ ଜେନା, ଜିଲ୍ଲା ବିଜୁ କୃଷକ ମୋର୍ଚ୍ଚା ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, ସରପଞ୍ଚ ସୁଷମା ମଳିକ, ବିଜେଡି ଯୁବ ସଂଗଠକ ଅନ୍ତର୍ଯ୍ୟାମି ଶ୍ୟାମଲ, ସମିତିସଭ୍ୟ ବସନ୍ତ ମହାପାତ୍ର, ଜିଲ୍ଲା ବିଜେଡି ଯୁବ ସମ୍ପାଦକ ମାନସ ରଞ୍ଜନ ଦାସ, ବିଜେଡି ନେତା ପ୍ରକାଶ ମଳିକ, ରହିମ ଖାଁ, ସୁଧାକର ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ସରୋଜ ଦାଶ, ବିଜେଡି ଯୁବନେତା ବସନ୍ତ ମହାନ୍ତି, ଅନିଲ ମହାନ୍ତି, ବ୍ଲକ ଡିଜିଟାଲ ସଂଯୋଜକ କୁଞ୍ଜବିହାରୀ ସ୍ୱାଇଁ, ଯୁବ ନେତା ନିହାର ରଞ୍ଜନ ସାହୁଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ସରପଞ୍ଚ ସମିତି ସଭ୍ୟଙ୍କ ସମେତ ୨ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାଇକଲ ଶୋଭାଯାତ୍ରାରେ ଯୋଗଦେଇ କଟକ ପାରାଦୀପ ରାସ୍ତା ଦେଇ ରଘୁନାଥପୁର ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ସେଠାରେଅତିଥିମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ଓ ରାସ୍ତା ପାର୍ଶ୍ୱରେ ଥିବା ଗୋପବନ୍ଧୁ ଓ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ପରେ ବିଜୁ ପଟ୍ଟନାୟକ ଙ୍କ ଜନ୍ମଦିନ ଉପଲକ୍ଷେ କେକ କଟା ଯାଇଥିଲା। ପରେ ପରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ସଭାପତିତ୍ୱରେ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ ସଭାରେ ବିଧାୟକ ବିଜୟସଙ୍କର ଦାସ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନା ବସନ୍ତ ମହାପାତ୍ରଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ବିଜୁ ପଟ୍ଟନାୟକ ସ୍ମୃତିଚାରଣ କରିଥିଲେ।



## ପାରାଦୀପ ବନ୍ଦର ଓ ଇଫ୍‌କୋ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ

ପାରାଦୀପ, ୫।୩(ସମିସ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସୋମବାର ଦିନ ୫୩ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ। ଏହି ଅବସରରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରାକୁ ପ୍ରଶାସନିକ ଭବନରେ ଶୁଭାରମ୍ଭ କରିଥିଲେ ଶ୍ରୀ ହରନାଦ। ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ଥିବା ଯାନ୍ତ୍ରିକ କୋଇଲା ବୋଝେଇ ପ୍ଲାଣ୍ଟ ନିକଟରେ ଶ୍ରମିକ, କର୍ମଚାରୀମାନଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ଫ୍ଲାଏ ଓଭର ବ୍ରିଜ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଛି। ବନ୍ଦର ଅନ୍ତେବାସୀଙ୍କ ପ୍ରସ୍ଥାନ ନିମନ୍ତେ ଦ୍ୱିତୀୟ ଯାତାୟତ ପଥ ଅଠରବାଙ୍କୀ କ୍ରିକ୍ ଉପରେ ତିଆରି ଚାଲିଥିବା ନେଇ ସେ ସୂଚନା ଦେଇଥିଲେ। କାର୍ଯ୍ୟ କ୍ଷେତ୍ରରେ ଆବଶ୍ୟକ ଥିବା ସୁରକ୍ଷା ନିମନ୍ତେ ବନ୍ଦର କର୍ତ୍ତୃପକ୍ଷ ସବୁବେଳେ ସଚେତନ ରହିଛନ୍ତି। ବନ୍ଦର ଏବେ ଦୁର୍ଘଟଣା ମୁକ୍ତ ରହିଥିବା ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, କାର୍ଯ୍ୟନିର୍ବାହୀ ସିଇଏମଇ କ୍ୟାପଟେନ ଏସି ସାହୁଙ୍କ ସମେତ ବନ୍ଦର ସୁରକ୍ଷା ଅଧିକାରୀଙ୍କ ସମେତ ବିଭାଗୀୟ ମୁଖ୍ୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଏଫଆଣ୍ଡବି, କଟକ ଡିଭିଜନ ଏମ୍.କେ.ପଣ୍ଡା ଯୋଗ ଦେଇଥିଲେ। ଇଫକୋର କର୍ମଚାରୀ, ଅଧିକାରୀ ତଥା ଠିକା ଶ୍ରମିକମାନଙ୍କୁ ଜିରୋ ଆକ୍ସିଡେଣ୍ଟ ନୀତି ପାଳନ କରିବାକୁ ନିବେଦନ କରିଥିଲେ। ୟୁନିଟ୍ ହେଡ୍ କେ.ଜେ.ପଟେଲ୍ ଇଫକୋର କର୍ମଚାରୀ ଓ ଠିକା ଶ୍ରମିକମାନେ ପ୍ଲା ପରିସରକୁ ସ୍ୱଚ୍ଛ ରଖିବା ସହିତ ଦୁର୍ଘଟଣା ମୁକ୍ତ ରଖିବାକୁ ନିବେଦନ କରିଥିଲେ। ଜେଜିଏମ୍ (ଏଫଆଣ୍ଡଏସ) ଆର.କେ.ସ୍ୱାଇଁ ଆଗାମୀ ବର୍ଷ ଇଫକୋ ପାରାଦୀପ ୟୁନିଟ୍‌କୁ ଦୁର୍ଘଟଣା ମୁକ୍ତ ପ୍ଲାଣ୍ଟଭାବେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ଥିବା ଘୋଷଣା କରିବା ସହିତ ସମସ୍ତଙ୍କ ସହଯୋଗ ଲୋଡିଥିଲେ।

### ରିଶି, ଚିଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସୁପର ଓଭରରେ ଆଳିପିଙ୍ଗଳ ବିଜୟୀ

ବାଲିକୁଦା, ୫।୩(ସମିସ):



ବାଲିକୁଦା ବ୍ଲକ ଅଳାବୋଳ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୭ ତମ ବାର୍ଷିକ ରିଶି ଓ ଚିଣ୍ଟୁ ମେମୋରିଆଲ୍ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଳାବୋଳ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ମ୍ୟାଚକୁ ମୁଖ୍ୟଅତିଥି ଭାବେ ଯୁବ ବିଜେଡି ନେତା ସଞ୍ଜୀବ ଏସ୍ ବିଶ୍ୱାଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ବିଶ୍ୱାଳ, ଜ୍ଞାନ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ଆଳିପିଙ୍ଗଳ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୪୩ ରନ କରିଥିଲା। ଜବାବରେ ମାଛଗାଁ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ସମାନ ସଂଖ୍ୟକ ରନ କରିଥିଲା। ମ୍ୟାଚ୍ ଟାଇ ହେବାରୁ ସୁପର ଓଭର ଖେଳ ହୋଇଥିଲା। ଏଥିରେ ଆଳିପିଙ୍ଗଳ ବିଜୟୀ ହେବା ସହ ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଛି। ଅଭିଜିତ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପେୟାର ଭାବେ ଅଭୟ କୁମାର ବିଶ୍ୱାଳ ଓ ସୌମ୍ୟରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିବା ବେଳେ ତୃତୀୟ ଆମ୍ପେୟାର ଭାବେ ହେମନ୍ତ ନନ୍ଦି ମ୍ୟାଚ ତଦାରଖ କରିଥିଲେ। ସୋର୍‌ବୋର୍ଡରେ ବବୁଲ ମନ୍ତ୍ରୀ, ପାପିନା ମଲ୍ଲିକ ଓ ସୌମ୍ୟ ଜେନା ଥିବାବେଳେ ଭାଷ୍ୟକାର ଭାବେ ଆଇପିଏଲ ଭାଷ୍ୟକାର ଗୌରବ ପଣ୍ଡାଙ୍କ ସମେତ ପବିତ୍ର ନାୟକ, ଏସ୍ କେ ଆସିଫ ଓ ରାକେଶ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନା କରିବାରେ କ୍ଲବର ମ୍ୟାନେଜର ପୃଥ୍ୱୀରାଜ ମହାନ୍ତି, ସଦସ୍ୟ ହାପି ବିଶ୍ୱାଳ, ଟୋନି ଦାସ, ସତ୍ୟମ ଜେନା, ଚିକୁନ ଦାସ, ସୋନୁ ରାୟ, ମାନସ ଦାସ, କାହ୍ନୁ ଦାସ, ପ୍ରତିକ ମହାନ୍ତି, ମୁନା ମହାନ୍ତି, ଗୋପୁ ସ୍ୱାଇଁ, ଆନନ୍ଦ ଦାସ, ବିଶୁ ବିଶ୍ୱାଳ, ଭୋଳା ଜେନାଙ୍କ ସମେତ ସମସ୍ତ ସଦସ୍ୟ ସହାୟତା କରିଥିଲେ।

## ମା' ଜାଗୁଲାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ରାଇଜିଂ ଷ୍ଟାର୍ ଚାମ୍ପିଅନ

ତିର୍ତ୍ତୋଲ, ୫।୩(ସମିସ): ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ ଅଲଣା ଗ୍ରାମ ପଡ଼ିଆରେ ମା' ଜାଗୁଲାଇ ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଭାଗନେଇଥିବାବେଳେ ରାଇଜିଙ୍ଗ ଷ୍ଟାର ଦଳ କୋବ୍ରା ଏକାଦଶକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟ ଉମେଶ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ ରବୀନ୍ଦ୍ର ଲେଙ୍କା, ସମାଜସେବୀ ବସନ୍ତ ପଲାଇ, ରଶ୍ମିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ତ୍ରିଲୋଚନ ରାଉତ ଓ ସମାଜସେବୀ ମନୋରଞ୍ଜନ ରାଉତ ଯୋଗଦେଇ ବିଜେତା ରାଇଜିଙ୍ଗ ଷ୍ଟାର ଦଳକୁ ପୁରସ୍କାର ଅର୍ଥ ରାଶି ସହ ଚାମ୍ପିୟନ ଟ୍ରଫି ଏବଂ ଉପ ବିଜେତା ଦଳକୁ ପୁରସ୍କାର ଅର୍ଥରାଶି ସହ ଉପବିଜେତା ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ନାରାୟଣ ପଲାଇ, ବିଶ୍ୱଜିତ କୁଅଁର, ବିଶ୍ୱଜିତ ଦାସ ସୁଶିଲ ପରିଡ଼ା, ତୁଷାର ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଲଗନ ମହାନ୍ତି ଓ ପ୍ରେମ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ମା ଜାଗୁଲାଇ କ୍ରିକେଟ କ୍ଲବର ସଭ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।



# ସାଂସଦ ଓ ବିଧାୟକଙ୍କ ଦ୍ୱାରା ୭ ପ୍ରକଳ୍ପର ଭୂମି ପୂଜନ

**ଢେଙ୍କାନାଳ, ୫।୩ (ସମିସ)**

ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୮ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଢେଙ୍କାନାଳ ପୌରାଞ୍ଚଳରେ ସାଂସଦ ମହେଶ ସାହୁଙ୍କ ଅନୁଦାନ ପାଣ୍ଠିରୁ ନିର୍ମିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ସାଂସଦ ଶ୍ରୀ ସାହୁ ୧ନଂ ୱାର୍ଡରେ ୫ଲକ୍ଷ ୫୦ହଜାର ବ୍ୟୟଅଟକଳରେ ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନର ଗୋଶାଳା, ଶ୍ୟାମାଚରଣପୁର ଠାରେ ୯ଲକ୍ଷ ୫୦ହଜାର ଟଙ୍କାରେ ନିର୍ମିତ ହେବାକୁ ଥିବା ପାଠାଗାର, ୪ନଂ ୱାର୍ଡ ଗୁଡ଼ିଆନାଳୀ ପୂଜା ଅନୁଷ୍ଠାନର ୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ସାଂସ୍କୃତିକ ମଣ୍ଡପ ଓ ସେହି ୱାର୍ଡରେ ୫ଲକ୍ଷ ଟଙ୍କା ବ୍ୟୟରେ କଳା ପରିଷଦ ଅନୁଷ୍ଠାନର ପ୍ରଥମ ମହଲା ଗୃହ, ୬ନଂ ୱାର୍ଡରେ ୪ଲକ୍ଷ ଟଙ୍କା ବ୍ୟୟରେ କର୍ମଚାରୀଙ୍କ କାର୍ଯ୍ୟାଳୟ ଗୃହ, ୧୨ନଂ ୱାର୍ଡ ମୀନା ବଜାରର ଜୁମା ମସ୍ଜିଦ୍ ଏବଂ ୧୩ ନଂ ୱାର୍ଡର ମୋତି ମସ୍ଜିଦ୍ ଦୁଇଟିର ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମରାମତି ଓ ପୁନଃଉଦ୍ଧାର କାର୍ଯ୍ୟର ସମାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, କନିଷ୍ଠ ଯନ୍ତ୍ରୀ ପାର୍ବତୀ ସାହୁ, ଶେୟାର ଅନୁଷ୍ଠାନର ନିର୍ଦ୍ଦେଶକ ଲିଆକତ୍ ଅଲ୍ଲି ଖାଁ, ଗୋଶାଳାର ପରିଚାଳକ ବାଦଲ ପଟ୍ଟନାୟକ, ମୁନା ଦାସ, ଜିତେନ୍ଦ୍ର ପଟ୍ଟନାୟକ ଏବଂ ସମ୍ପୃକ୍ତ ୱାର୍ଡର ପୌର ପାରିଷଦଙ୍କ ବ୍ୟତୀତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।



## ବିଜେପି ଛାଡ଼ି ବିଜେଡିରେ ମିଶିଲେ ଅନେକ ଯୁବନେତା



**କାମାକ୍ଷାନଗର, ୫।୩ (ସମିସ) :** ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକର ବହୁ ବିଜେପି ଯୁବ ନେତା ଆଜି ବିଜେଡିରେ ଯୋଗ ଦେଇଛନ୍ତି। ପରଜଙ୍ଗସ୍ଥିତ ପାଣିପଞ୍ଚାୟତ ସଭାଗୃହଠାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ପରଜଙ୍ଗ ବିଧାୟକ ଡ଼ ନୃସିଂହ ଚରଣ ସାହୁ ଯୁବକମାନଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ବିଜେଡିରେ ସାମିଲ କରାଇଛନ୍ତି। ବିଜେପି ନିଜର ନୀତି, ଆଦର୍ଶକୁ ଭୁଲି ଦଳରେ ବିଶୃଙ୍ଖଳା କରୁଥିବା କର୍ମୀମାନଙ୍କୁ ପ୍ରଶୟ ଦେଉଛି। ତେଣୁ ସେମାନେ ବିଜେପି ଛାଡ଼ି ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶ ଓ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟଧାରାରେ ଆଗ୍ରହ ପ୍ରକାଶ କରି ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। କଙ୍କଡାହାଡ଼ ବିଜେଡିର ବରିଷ୍ଠ ନେତା କମଳଲୋଚନ ସାହୁଙ୍କ ନେତୃତ୍ୱରେ ବଳରାମ ଦଣ୍ଡପାଟ, ଭଜମନ ବେହେରା, ଦୀପକ ପଣ୍ଡାଙ୍କ ସମେତ ବହୁ ଯୁବକ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ କଙ୍କଡାହାଡ଼ ବ୍ଲକ ଆମ୍ବା ଅଧ୍ୟକ୍ଷ ରମେଶ ଚନ୍ଦ୍ର ମିଶ୍ର, ଯୁବ ସଭାପତି ତାପସ ପାଣି, ଛାତ୍ର ସଭାପତି ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖଙ୍କିରାରେ ବନ ସୁରକ୍ଷା ସଚେତନତା ରଥ



**ଗଁଦିଆ ୫।୩ (ସମିସ) :** ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ରେଞ୍ଜ ଅନ୍ତର୍ଗତ ଖଙ୍କିରା ବନବିଭାଗ ଗ୍ରାମଗୁଡିକରେ ଜଙ୍ଗଲ ସୁରକ୍ଷା ରଥ ବୁଲି ଜନସଚେତନ ସୃଷ୍ଟି କରୁଛି। ମୁଣ୍ଡମାରି, ଜମ୍ମୁ, ବାଲି କିଆରି, ଖଙ୍କିରା, ଛୋଟ ତେନ୍ତୁଳି, କାମାଳିଆ, ଫୁଲଝର, ପିମ୍ପୁଡ଼ିଆ, ଶ୍ରୀମତପୁର, ବେଗା, ବାଲି କିଆରୀ, କରଡ଼ାବଣୀ, ଘୋରାଘୋରୀ ଇତ୍ୟାଦି ସ୍ଥାନରେ ଏହି ରଥ ପରିକ୍ରମା କରିଥିଲା। ବନ ବିଭାଗ କର୍ମଚାରୀ ମନୋଜ ବେହେରା, ଦୁଷ୍ମନ୍ତ ସିଂ, ବଳଭଦ୍ର ମହାନ୍ତି, ପ୍ରସନ୍ନ, ସଞ୍ଜୟ, ମାନସ, ରଞ୍ଜନ, ହରି.ସନ୍ତୋଷ, ସିଲୁ ଓ ଦିଲୀପ ଯୋଗଦାନ କରିଥିଲେ। ଗ୍ରୀଷ୍ମ ପ୍ରବାହକୁ ଆଗରେ ରଖି ଏହିଭଳି ପଦକ୍ଷେପ ଗ୍ରହଣକୁ ସମାଜସେବୀ ଅଶୋକ ପତି ବନବିଭାଗକୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ଢେଙ୍କାନାଳରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**ଢେଙ୍କାନାଳ, ୫।୩ (ସମିସ) :** ମହାନ ଜନନାୟକ, ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଛି। ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବୀପ୍ରସାଦ ଭୁତିଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁଧିର କୁମାର ସାମଲ , ଉଦ୍ଘାଟକ ଭାବେ ଲୋକସଭା ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ନିର୍ବାଚନମଣ୍ଡଳିର ନବନିଯୁକ୍ତ ସଂଯୋଜକ ଅମରଜିତ ସେନାପତି ଯୋଗଦେଇଥିଲେ। ଏହି ଅବସରରେ ରଥଗଡ଼ା ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବୀପ୍ରସାଦ ଭୁତିଆଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା। ପରେ ଗଁଦିଆ ଠାରୁ ଏକ ବିଶାଳ ମୋଟର ସାଇକଲ ଶୋଭାଯାତ୍ରା ବିଧାୟକଙ୍କ ଗନ୍ଦିଆ ପ୍ରତିନିଧି ନିରାକାର ରାଉତଙ୍କ ନେତୃତ୍ୱରେ ଆସି ଢେଙ୍କାନାଳ ଠାରେ ଅନୁଷ୍ଠିତ ସଭାସ୍ଥଳରେ ପହଞ୍ଚିଥିଲା। ଏହି ସଭାରେ ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରୋତ୍ତମ ସାହୁ, ଢେଙ୍କାନାଳ ଜିଲ୍ଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ରାଜ୍ୟ ମହିଳା ଉପ-ସଭାପତି ସାଇଶ୍ରୀ ପଟ୍ଟନାୟକ, ବିଜେଡି ଜିଲ୍ଲା ମହିଳା ସଭାପତି ସାଗରୀକା ମିଶ୍ର, ବିଜେଡି ଜିଲ୍ଲା ଛାତ୍ର ସଭାପତି ସୂରଜ ମହାପାତ୍ର, ବିଜେଡି ଜିଲ୍ଲା ଉପ-ସଭାପତି ଲକ୍ଷ୍ମୀଧର ସାହୁ, ଢେଙ୍କାନାଳ ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ଲିଗାଲ ସେଲ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ପାତ୍ର, ଯୁବ ନେତା ଶ୍ରୀକାନ୍ତ କୁମାର ଧଳ, ଜିଲ୍ଲା ସମ୍ପାଦକ ଗଙ୍ଗାଧର ରାଉତ, ମାନସ ମହାରଣା, ରଞ୍ଜନ ନାୟକ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ କୁଳଦିପ ମହାପାତ୍ର, ଗଁଦିଆ ଯୁବ ବିଜେଡି ସଭାପତି ପ୍ରଦୀପ କୁମାର ରାଉତ, ଗଁଦିଆ ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ସଦର ବ୍ଲକ ଯୁବ ବିଜେଡି ସଭାପତି ଯଶେଷ ସାହୁ, ମହିଳା ସମ୍ପାଦିକା ଉର୍ବଶି ମହାପାତ୍ର, ମହିଳା ସମ୍ପାଦିକା ତିଲୋତ୍ତମା ଚୌଧୁରୀ, ମହିଳା ନଗର ସଭାନେତ୍ରୀ ଶୁଭଲକ୍ଷ୍ମୀ ସାହୁ, ମାମିନା ଦିକ୍ଷିତ, କାଉନସିଲର ଲିପିକା ଦାସ ଅଭିମନ୍ୟୁ ପଣ୍ଡା, ସନ୍ଦପ ଷଡଙ୍ଗୀ, ମହମ୍ମଦ ସାଗିର, ବ୍ରହ୍ମାନନ୍ଦ ମଲ୍ଲିକ, ଦୀପ୍ତିରଞ୍ଜନ ସେଠୀ. ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ଭଞ୍ଜ, ଯୁବ ବିଜେଡି ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ସଞ୍ଜିବ ମଲ୍ଲିକ, ରାଜୁ ପାଣ୍ଡେ, ମହିଳା ସମ୍ପାଦିକା ଶ୍ରଦ୍ଧାଞ୍ଜଳି ସାହୁଙ୍କ ସମେତ ବହୁ ମହିଳା, ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ସଭା ପରଚାଳନା, ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ।

■ **‘ନୂଆ- ଓ’ ଛାତ୍ରବୃତ୍ତି ପ୍ରଦାନ କଲେ ପରଜଙ୍ଗ ବିଧାୟକ**

## ଉପକୃତ ହେବେ ୪୦୬ ଛାତ୍ରଛାତ୍ରୀ

**କାମାକ୍ଷାନଗର, ୫।୩ (ସମିସ) :** ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହାବିରୋଡ଼ ମହାବିଦ୍ୟାଳୟ ଠାରେ ‘ନୂଆ -ଓ’ -ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଧର୍ମାନନ୍ଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁ ଯୋଗଦେଇ ୪୦୬ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ବୃତ୍ତି ପ୍ରଦାନ କରିଥିଲେ। ଗରିବ ପିଲାମାନଙ୍କ ଉଚ୍ଚତର ଶିକ୍ଷାରେ ଯେପରି ଟଙ୍କାର ବାଧକ ନ ସାଜିବ ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ‘ନୂଆ- ଓ’ -ଛାତ୍ରବୃତ୍ତି ପ୍ରଦାନ କରୁଛନ୍ତି। ଏହା ଫଳରେ ଅନେକ ଛାତ୍ରଛାତ୍ରୀ ସେମାନଙ୍କ ଭବିଷ୍ୟତ ଗଢିତୋଳିବା ସହ ଆଗକୁ ଯାଇ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ପରିଗଣିତ ହୋଇପାରିବ ନେଇ ବିଧାୟକ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିରୋଡ଼ ସରପଞ୍ଚ ଶ୍ୱେତାଲିନା ସାହୁ, +୨ ମହାବିଦ୍ୟାଳୟ ଅଧ୍ୟକ୍ଷ ରାମନାଥ ପଣ୍ଡା, ବରିଷ୍ଠ ସମାଜସେବୀ ଟିକମ ହାତୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



■ **+୨ ଛାତ୍ରୀ ଜସ୍ମିନ ସାହୁ ହତ୍ୟା ଘଟଣା**

## ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଢେଙ୍କାନାଳ, ୫।୩ (ସମିସ) :** ସଦର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ନିକଟସ୍ଥ ଏକ ଜଙ୍ଗଲ ମଧ୍ୟରୁ ଯୁକ୍ତ ଦୁଇ ଛାତ୍ରୀକୁ ନିର୍ମମ ହତ୍ୟା ଘଟଣାକୁ ନେଇ ପୁଲିସ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାର ପର୍ଦ୍ଦାଫାସ କରିଛି। ଏହି ହତ୍ୟାକାଣ୍ଡ

● **ଜମି ବିବାଦରୁ ହୋଇଥିଲା ହତ୍ୟାକାଣ୍ଡ**

ପାରିବାରିକ ଶତ୍ରୁତା, ଜମିବାଡ଼ି ବିବାଦକୁ ନେଇ ହୋଇଥିବା ବେଳେ ପୁଲିସ ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ହତ୍ୟା ଘଟଣାକୁ ନେଇ ପୁଲିସ ଘଟଣାର ପର୍ଦ୍ଦାଫାଶ କରିବା ସହିତ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ବିଜୟ କୁମାର ସାହୁଙ୍କ ଗ୍ରାମରେ ଏକ ତେଜରାତି ଦୋକାନ ରହିଥିବା ବେଳେ ତାଙ୍କ ପଡୋଶୀ ଜଳଧର ସାହୁ ତାଙ୍କୁ ହଇରାଣ କରିଥିଲା। ବିଜୟଙ୍କ ଏକ ଇନ୍ଦିରା ଆବାସ ଘର ଆସିଥିବା ବେଳେ ଜଳଧର ସାହୁ ଏହାର ପ୍ରତିବାଦ କରିଥିଲେ। ବିଜୟଙ୍କ ପକ୍କାଘର ଥିବାରୁ ସେ ଇନ୍ଦିରା ଆବାସରୁ ବଞ୍ଚିତ ହୋଇଥିଲେ। ଏହି ଘଟଣାରୁ ଉଭୟଙ୍କ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଏପରିକି ଜଳଧର ତନ୍ତ୍ରମନ୍ତ୍ର କରୁଥିବାର ବିଜୟ ସନ୍ଦେହ କରୁଥିଲେ। ଫଳରେ ତାଙ୍କ ଘର ଏବଂ ତେଜରାତି ଦୋକାନରେ କ୍ଷତିହେବା ସହିତ ତାଙ୍କର ବାପା ମଧ୍ୟ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇଥିଲେ। ଏହାକୁ ନେଇ କାଳିଆ ଓରଫ ନାରାୟଣ ସାହୁ ତାଙ୍କ ପରିବାର ପ୍ରତି ଓ ଜମିବାଡ଼ିକୁ ନେଇ ଆକ୍ରୋଶ ମୂଳକ ଭାବରେ ଶତ୍ରୁତା ରହିଥିଲା। ମଜୁରୀ ସାହିର ମକର ବେହେରାଙ୍କ ପୁଅ ଉଭୟ ବିଜୟ କୁମାର ବେହେରା ଓ ନିରଞ୍ଜନ ବେହେରାଙ୍କ ପୁଅ କାଳିଆ ଓରଫ ନାରାୟଣ ସାହୁ ଗତ ୨୯ ତାରିଖ ଦିନ ଜସ୍ମିନ କୋଚିଂରୁ ଫେରୁଥିବା ବେଳେ ବିଜୟ ତାକୁ ଏକ ମୋଟର ସାଇକଲରେ ଆଣିଥିଲା। ଉଭୟ ଜସ୍ମିନକୁ ଖୋଲତଏଲା ଜଙ୍ଗଲକୁ ନେଇ ଏକ ପଥରରେ ଛେଚି ହତ୍ୟା କରିଥିଲେ। ଉଭୟଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ପୁଲିସ ବାଇକ୍ ସହିତ ରକ୍ତଭିଜା ପଥର, ରକ୍ତଭିଜା ବିଜୟ ଓ କାଳିଆର ପୋଷାକକୁ ଜବତ କରିଛି। ଏ ସଂକ୍ରାନ୍ତରେ ସଦର ପୁଲିସ ୧୯୦/୨୪ ଦଫା ୩୦୨ରେ ମାମଲା ରୁଜୁ କରିଛି।




## ବାଇକ୍‌ରୁ ପଡ଼ି ୩ ଗୁରୁତର

**କାମାକ୍ଷାନଗର, ୫।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଥାନା ଅନ୍ତର୍ଗତ ଜଡ଼ାପାଳ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ବାଇକରୁ ପଡ଼ି ତିନିଜଣ ଗୁରୁତର ହୋଇଛନ୍ତି। ତୁମୁସିଙ୍ଗା ଥାନା ଅନ୍ତର୍ଗତ କନ୍ତିଓ ପୁଟସାହି ଗ୍ରାମର ସୋନୁ ବେହେରା, ଶିଶିର ବେହେରା, ଟୁକୁନା ବେହେରା ଏକ ବାଇକ ଯୋଗେ କାମାକ୍ଷାନଗରରୁ ନିଜ ଗାଁକୁ ଫେରୁଥିଲେ। ଜଡ଼ାପାଳ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ସେମାନେ ବାଇକରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ତିନିଜଣଙ୍କୁ ଉଦ୍ଧାର କରାଯାଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି।

## ୩୫୩ ଛାତ୍ରୀଙ୍କୁ ‘ନୂଆ-ଓ’ ବୃତ୍ତି ପ୍ରଦାନ

**ଭୁବନ, ୫।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ‘ନୂଆ – ଓ’ ନବୀନ ଓଡ଼ିଶା ଆନୁକୂଲ୍ୟରେ ୩୫୩ ଜଣ ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅଧ୍ୟାପିକା ଡଃ ମମତା ପାତ୍ରଙ୍କ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଳ୍ପୋଦ୍ୟୋଗୀ ଦିବସ ପାଳିତ

**ଢେଙ୍କାନାଳ, ୫।୩ (ସମିସ) :** ସ୍ଥାନୀୟ ମହିଷାପାଟ ଶିଳ୍ପକେନ୍ଦ୍ର ପରିସରରେ ଶିଳ୍ପଦ୍ୟୋଗୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଶିଳ୍ପ କେନ୍ଦ୍ରର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀଙ୍କୁ ସିଆଇଏସ୍ ଛାଡ, ବ୍ୟାଙ୍କ ସୁଧରେ ଛାଡ ତଥା ପିଏମ୍ଏଫ୍ଏମ୍ଇର ଟପ୍ଅପ୍ ଛାଡର ଅନୁମୋଦନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଉତ୍ସାହି ମହିଳା ଓ ପୁରୁଷ ଉଦ୍ୟୋଗୀ ଯୋଗଦାନ କରିଥିଲେ। ଏଥିରେ ଶ୍ରୀ ଗଣେଶ ପ୍ରସାଦ ସାହୁ, ଅମ୍ରିତା ସାମନ୍ତ, ପ୍ରମୋଦ କୁମାର ସାହୁ, ପ୍ରଫୁଲ୍ଲ କୁମାର ଭୋଇ, ପ୍ରଭାଜନ ସାହୁ ପ୍ରମୁଖ ଅତିଥିମାନେ ଯୋଗଦେଇଥିଲେ। ପରିଶେଷରେ ପ୍ରଶ୍ନ ମାଧ୍ୟମରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଆମ ପ୍ରତିଭା ଆମ ସମ୍ମାନ’ ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ

**ଢେଙ୍କାନାଳ, ୫।୩ (ସମିସ) :** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନ ପରକ୍ଷରୁ ପାଳିତ ହୋଇଯାଇଛି। ଅନୁଷ୍ଠାନର କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳାଇଙ୍କ ତତ୍ତ୍ୱାବଧାନରେ ଆଜି ସକାଳେ ସମସ୍ତ ସଦସ୍ୟମାନେ ଅନୁଷ୍ଠାନର ପ୍ରତିଷ୍ଠାତା ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ମୋଟରସାଇକଲ୍ ରାଲିରେ ବାହାରି ସ୍ଥାନୀୟ ରଥଗଡ଼ାସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦଙ୍କ ସଦର ବ୍ଲକ ପ୍ରତିନିଧି ପ୍ରତାପ ଦାସ, ଅବସରପ୍ରାପ୍ତ ରାଜ୍ୟ ପ୍ରଶାସନିକ ଅଧିକାରୀ ସଦାନନ୍ଦ ସେଠୀ, ଆଇନ୍‌ଜୀବୀ ସୁରେଶ ମହାପାତ୍ର, ଶ୍ରୀନିବାସ ନାୟକ, ଶେୟାର ଅନୁଷ୍ଠାନର ନିର୍ଦ୍ଦେଶକ ଲିଆକତ୍ ଅଲ୍ଲି ଖାଁ, ଶୁଭ୍ରାଂଶୁ ପଟ୍ଟନାୟକ, ଆଇନ୍‌ଜୀବୀ କିଶାନ୍ ବିଶ୍ୱାଳ ଓ ପ୍ରଦ୍ୟୁମ୍ନ ନାଏକ, ଜିତେନ୍ଦ୍ର ପଟ୍ଟନାୟକ, ସବୁରିକଥା ସମ୍ପାଦକ ସଦାଶିବ ମହାପାତ୍ର, କ୍ରୀଡା ଘୋଷକ ଅମୀୟ ଚାନ୍ଦ, ଭରତ ଦାସ, ଦୁଷ୍ମନ୍ତ ମହାନ୍ତି ଓ ଶ୍ୟାମସୁନ୍ଦର ସାହୁ, ଅମରେଶ ଜେନା, ଦୁର୍ଗା ରାଉତ, ଅକ୍ଷୟ ସାହୁ, ରବି ନାଏକ ଓ ନିଜୁ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**କାମାକ୍ଷାନଗର ୫।୩ (ସମିସ) :** ପରଜଙ୍ଗ ନିର୍ବାଚନମଣ୍ଡଳୀରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ପାଣିପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରଜଙ୍ଗ ବିଧାୟକ ଡ଼ ନୃସିଂହ ଚରଣ ସାହଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ତୈଳଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଢେଙ୍କାନାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ରୁନୁବର୍ମା, ପରଜଙ୍ଗ ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଯୁବ ସଭାପତି ସୁବ୍ରତ ଦାସ, ଛାତ୍ର ସଭାପତି ପ୍ରିୟଜିତ ସାମଲ, ବରିଷ୍ଠ ନେତା ରମେଶ ମିଶ୍ର, ତାପସ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବିଜୁ ଜନତା ଦଳ ତରଫରୁ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡାହାଡ଼ ବ୍ଲକ ଓ କାମାକ୍ଷାନଗର ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।

## ଏକାଦଶୀ ହତ୍ୟାକାଣ୍ଡ; ୨ ଅଭିଯୁକ୍ତ ଗିରଫ

**ଗଁଦିଆ, ୫।୩ (ସିମିସ) :** ଢେଙ୍କାନାଳ ଜିଲ୍ଲାର ଗଁଦିଆ ଥାନା ଅନ୍ତର୍ଗତ ଗୁଣ୍ଡୁରାପସି ପଞ୍ଚାୟତ ବରସାହି ଗ୍ରାମରେ ଏକାଦଶୀ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୩ତାରିଖ ସନ୍ଧ୍ୟା ସମୟରେ ଗ୍ରାମ ଦାଣ୍ଡରେ ସଂଗଠିତ ସଂଘବଦ୍ଧ ଭାବେ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହେବା ସହିତ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତକୁ ଗଁଦିଆ ପୁଲିସ ଗିରଫ କରିଛି।

ବରସାହି ଗ୍ରାମର ଅଭିଯୁକ୍ତ ସନାତନ ପାତ୍ର ଓରଫ ସଇଁଆ ଗ୍ରାମରେ ସୁଧ ଭାବରେ ଟଙ୍କା କାରବାର କରେ। ଏକାଦଶୀ ତା’ଠାରୁ ମଧ୍ୟ ଟଙ୍କା ଧାର କରଜ ଆଣେ କିନ୍ତୁ ଟଙ୍କା ସୁଝିବା ଓ ସୁଧ ଦେଣନେଣକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପୂର୍ବରୁ ମଧ୍ୟ ଉଭୟଙ୍କ ମଧ୍ୟରେ ୩ ଥର ମାଡ଼ପିଟ ଘଟିଥିବାର ଜଣାଯାଏ। ଗତ ୩ତାରିଖ ଦିନ ଗ୍ରାମରେ ଅଷ୍ଟପ୍ରହର ପାଇଁ ଗ୍ରାମବାସୀ ଗ୍ରାମ ପାଖ ନାଳକୁ ପାଣି ପାଇଁ କଳସ ଶୋଭାଯାତ୍ରାରେ ଯାଉଥିବା ସମୟରେ ଆଗରୁ ପ୍ରସ୍ତୁତ ହୋଇ ରହିଥିବା ଅଭିଯୁକ୍ତ ଶେଷରେ ଆସୁଥିବା ଏକାଦଶୀକୁ ଏକ ଟାଙ୍ଗିଆରେ ମୁଣ୍ଡକୁ ଆଘାତ କରିଥିଲା। ଏହି ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ହତ୍ୟାକାଣ୍ଡରେ ତା’ର ପୁତୁରା ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଭିକାରୀ ଦାସର ପୁଅ ରାଜକିଶୋର ଦାସ (ରାଜୁ) ସହଯୋଗ କରିଥିଲା। ମୃତକର ଭଉଣୀ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ୯୪/୨୪ରେ ଏକ ମାମଲା ରୁଜୁ କରି ଫେରାର ଆସାମୀକୁ ଧରିବା ପାଇଁ ତନାଘନ କରି ଥାନ ଅଧିକାରୀ ସଲିଳ କୁମାର ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟ ଅଭିଯୁକ୍ତ ସନାତନକୁ ଗିରଫ କରିଥିଲା। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ପୁଲିସ ଉଦ୍ଧାର କରିବା ସହିତ ଗୋବିନ୍ଦପୁର ଗ୍ରାମରେ ଲୁଚି ଥିବା ଅନ୍ୟ ଅଭିଯୁକ୍ତ ରାଜୁକୁ ସେଠାରୁ ଗିରଫ କରି କୋର୍ଟଚାଲାଣ କରିଛି।



## ଦାସୀପୋଖରୀର ଉନ୍ନତିକରଣ ସହ ଟୟ ଟ୍ରେନ୍ ଉଦ୍‌ଘାଟିତ

**କାମାକ୍ଷାନଗର, ୫।୩ (ସମିସ) :**

ଢେଙ୍କାନାଳ ଜିଲ୍ଲାରେ ବିଜୁ ପଟ୍ଟନାୟକଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଦାସୀପୋଖରୀର ଉନ୍ନତିକରଣ ଓ ଟୟ ଟ୍ରେନ ଚଳାଚଳର ଉଦଘାଟନ ହୋଇଯାଇଛି। ଏହି ଉତ୍ସବରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ସାଂସଦ ମହେଶ ସାହୁ ଯୋଗଦେଇଥିବା ବେଳେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ଓ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଏହି ନୂତନ ଦାସୀପୋଖରୀକୁ ସରକାରଙ୍କ ତରଫରୁ ରୂପାନ୍ତରଣ କରାଯାଇ ପାର୍କ ଓ ଲୋକଙ୍କ ଯାତାୟାତ ପାଇଁ ଫେଭର ରାସ୍ତା ନିର୍ମାଣ କରାଯାଇଛି। ତାହା ସହ ସହରର ଛୋଟଛୋଟ ପିଲାମାନଙ୍କ ପାଇଁ ଟୟ ଟ୍ରେନରେ ପୋଖରୀ ଚାରିପାଖରେ ବୁଲିବା ପାଇଁ ବ୍ୟବସ୍ଥା କରାଯାଇଛି। ଫଳରେ କାମାକ୍ଷାନଗର ଓ ଆଖପାଖ ଅଞ୍ଚଳର ଲୋକମାନେ ଏଠାକୁ ଆସି ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଟୟ ଟ୍ରେନର ମଜା ନେଇପାରିବେ। କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଯତୀନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।



## ଶିବରାତ୍ରି ପାଇଁ ଚଳଚଞ୍ଚଳ ହେଲାଣି କାଟଣା

# ୱାଟର ଏଟିଏମ୍ ଅଚଳ; କଲବଲ ଭକ୍ତ




ରାଜକନିକା, ୫।୩(ସମିସ): ଆସନ୍ତା ୮ ତାରିଖରେ ମହାଶିବରାତ୍ରି। ଏବେଠାରୁ ଚଳଚଞ୍ଚଳ ହେଲାଣି ଏହି ପ୍ରସିଦ୍ଧ ଶୈବପୀଠ। ପୂର୍ବ କନିକାର ପ୍ରସିଦ୍ଧ ଶୈବପୀଠ କାଟଣାର କପିଳେଶ୍ୱର ମହାଦେବଙ୍କ ପୀଠରେ ଜାଗର ପାଇଁ ଲାଗିବ ଗହଳି। ହଜାର ହଜାର ଭକ୍ତଙ୍କ ସମାବେଶରେ ସାରା ଅଞ୍ଚଳ ପୂରି ରହିବ। ଦିନକୁ ଦିନ ବଢ଼ିବାରେ ଲାଗିଛି ତାତି। ତାତିରୁ ଆଶ୍ୱସ୍ତି ତଥା ଭିଡରୁ ଭକ୍ତଙ୍କୁ ସୁରକ୍ଷା ଦେବାକୁ ପାଣିର ବହୁତ ଆବଶ୍ୟକତା ଥିବା ବେଳେ କାଟଣାର ସମସ୍ତ ଜଳଉତ୍ସ ଏବେ ସଂକଟରେ। ପ୍ରଶାସନିକ ନଜର ଆଢୁଆଳରେ ପ୍ରତିବର୍ଷ ପାଳିତ ହେଉଥିବା ମହାଶିବରାତ୍ରି ପାଇଁ ଏଠାରେ ଆନ୍ତରିକତା ନାହିଁ। ହଜାର ହଜାର ଲୋକଙ୍କ ତୃଷ୍ଣା ମେଣ୍ଟାଇବାକୁ ଅଛି ମାତ୍ର ଗୋଟିଏ ନଳକୂପ। ଲୋକଙ୍କ ଆବଶ୍ୟକତା ପାଇଁ ଥିବା ଗୋଟିଏ ୱାଟର ଏଟିଏମ ପୁରା ଅଚଳ। ପ୍ରତିବର୍ଷ ଏହି ଏଟିଏମକୁ ସଜାଡ଼ିବା ଆଳରେ ଖର୍ଚ୍ଚ ହେଉଛି ହଜାର ହଜାର ଟଙ୍କା। ହେଲେ ଲୋକଙ୍କ ଭରସା ରହୁଥିବା ଏହି ଏଟିଏମ ପୁରା ଅଚଳ। ପାନୀୟ ଜଳର ସୁବିଧା ପାଇଁ ପଞ୍ଚାୟତ ପକ୍ଷରୁ ବସା ଯାଇଥିବା ଏହି ପ୍ରକାର ଏଟିଏମ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇରହିଛି। ସଜାଡିବାକୁ ନାଁ ପଞ୍ଚାୟତ ନାଁ ପାନୀୟଜଳ ବିଭାଗ କାହାର ଆନ୍ତରିକତା ନାହିଁ। ବ୍ଲକ ପ୍ରଶାସନ ଅନ୍ତତଃ ଏହି ଜନଗହଳିପୂର୍ଣ୍ଣ ଜାଗାରେ ଏହି ଉତ୍ସବରେ ପାନୀୟ ଜଳର ସୁବିଧା ପାଇଁ ଏହାକୁ ଚାଲୁ କରିବାକୁ ଦାବି ହେଉଛି।

## ମର୍ଣ୍ଣିଂୱାକ୍ ବେଳେ ମହିଳାଙ୍କଠୁ ଝାମ୍ପିନେଲେ ମଙ୍ଗଳସୂତ୍ର

ଗରଦପୁର, ୫।୩(ସମିସ): ସକାଳ ସମୟରେ ଗାଁ ପାଖ ରାସ୍ତାରେ ମର୍ଣ୍ଣିଂୱାକ୍ କରୁଥିବା ସମୟରେ ଜଣେ ମହିଳାଙ୍କଠାରୁ ଦୁଇଜଣ ଦୁର୍ବୃତ୍ତ ସୁନା ମଙ୍ଗଳସୂତ୍ର ଝାମ୍ପି ନେଇଥିବା ଜଣାପଡ଼ିଛି। ଏଭଳି ଏକ ଘଟଣା ଘଟିଛି ପାଟକୁରା ଥାନା ଅଞ୍ଚଳରେ। ଶାସିନିପଡ଼ା ଗ୍ରାମର କନକଦୂର୍ଗା ପରିଜା ଏବଂ ତାଙ୍କ ଅନ୍ୟଜଣେ ପରିବାର ସଦସ୍ୟଙ୍କୁ ସାଙ୍ଗରେ ନେଇ ଭୋର ୫ଟା ସମୟରେ ଘର ପାଖ ଚିତ୍ରୋତ୍ପଳା ନଦୀବନ୍ଧରେ ମର୍ଣ୍ଣିଂୱାକ୍ କରୁଥିବା ସମୟରେ ଜଣେ ଦୁର୍ବୃତ୍ତ ନିକଟସ୍ଥ ପୋଲ ଆଡୁ ଏକ ବାଇକ୍ ଯୋଗେ ଆସି ମହିଳାଙ୍କ ବେକରେ ଥିବା ସୁନା ମଙ୍ଗଳସୂତ୍ରକୁ ଝାମ୍ପିନେଇଯାଇଛି। ସେହି ସମୟରେ ଦୁର୍ବୃତ୍ତକୁ କେହି ଧରିନପାରିବାରୁ ଶେଷରେ ଏନେଇ ପାଟକୁରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ମହିଳାଙ୍କ ସ୍ୱାମୀ ଶୁଭେନ୍ଦୁ ଚୌଧୁରୀ। ଏହି ଅଭିଯୋଗ ପରେ ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ।

## ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା, ୫।୩(ସମିସ): ଦେଶକୁ ପୋଲିଓ ମୁକ୍ତ କରିବା କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମାର୍ଚ୍ଚ ୩ ତାରିଖରୁ ଆରମ୍ଭ ହୋଇଥିବା ପଲ୍ସ ପୋଲିଓ ଟୀକାକରଣ ଆଜି ଶେଷ ହୋଇଛି ।୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅର୍ଥାତ୍ ଗତ ମାର୍ଚ୍ଚ ୩ ତାରିଖ ପ୍ରାତଃ ୮ ଘଟିକା ସମୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଗୋଟିଏ ଶିଶୁକୁ ଦୁଇବୁନ୍ଦା ପୋଲିଓ ଖୁଆଇ ଥିଲେ। ଶୁଭାରମ୍ଭ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନୀତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା.ସଚ୍ଚିଦାନନ୍ଦ ମିଶ୍ର, ଡିପିଏମ୍ ଗୀତାଞ୍ଜଳୀ ଦାଶ, ଭାରପ୍ରାପ୍ତ ଡିପିଏଚ୍ସିଓ ମିନତୀ ମହାପାତ୍ର, ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଜନ୍ମରୁ ୫ ବର୍ଷ ବୟସ ମଧ୍ୟରେ ଥିବା ମୋଟ୍ ୨, ୧୬, ୭୧୧ଜଣ ଶିଶୁଙ୍କୁ ପୋଲିଓ ଟୀକା ପ୍ରଦାନ କରି ଶତ ପ୍ରତିଶତ ସଫଳତା ହାସଲ କରିବା ଧାର୍ଯ୍ୟ କରାଯାଇଥିବା ବେଳେ ମଙ୍ଗଳବାର ଅପରାହ୍ନ ସୁଦ୍ଧା ପ୍ରାୟ ୯୩ ପ୍ରତିଶତ ଟୀକାକରଣ କରାଯାଇଛି ବୋଲି ସୂଚନା ପ୍ରାପ୍ତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ୯ଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରେ ୬୭୦ଗୋଟି ପୋଲିଓ ବୁଥ୍ ଓ ମୋବାଇଲ ଟିମ୍ ମାଧ୍ୟମରେ ପୋଲିଓ ଟୀକାକରଣ କରାଯାଉଛି। ଏହି କାର୍ଯ୍ୟକ୍ରମ ନିମନ୍ତେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଭାସିନେଟର ଭାବେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ୯ ଗୋଟି ଟିମ୍ ଗଠନ କରାଯାଇଥିଲା।

## ଅଗ୍ନିବିପନ୍ନଙ୍କୁ ସହାୟତା



ରାଜନଗର, ୫।୩(ସମିସ): ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଅନ୍ତର୍ଗତ ଓକିଲପାଳ ଗାଁରେ ଦୁଇଦିନ ତଳେ ବିଳମ୍ବିତ ରାତ୍ରିରେ ନିଆଁଲାଗି ୫ ବଖରା ଘର ସହିତ ମୋଟର ସାଇକଲ ଓ ସମସ୍ତ ଆସବାସ ପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଅର୍ଦ୍ଧରାତିରେ ନିଆଁ ଲାଗିଥିବାରୁ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରିନଥିଲା। ଆଜି ବିପନ୍ନ ପରିବାରକୁ ଭେଟି ପଞ୍ଚୁବରାହୀ ସେବା ସଂସ୍ଥାନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେବା ସଂସ୍ଥାନର ଅଞ୍ଜନ କୁମାର ଲେଙ୍କା, ସୁକାନ୍ତ ନାୟକ, ଅକ୍ଷୟ ସ୍ୱାଇଁ, ସୁବ୍ରତ ଦାସ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି।

## ପାରାଦୀପରୁ କେନ୍ଦ୍ରାପଡ଼ା ଦେଇ କେନ୍ଦୁଝର ଗଲା ମେମୁ ଟ୍ରେନ୍

● ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ



ପାରାଦୀପ/କେନ୍ଦ୍ରାପଡ଼ା, ୫।୩ (ସମିସ): ପାରାଦୀପରୁ କେନ୍ଦ୍ରାପଡ଼ା ଦେଇ କେନ୍ଦୁଝରକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ଦୀର୍ଘ ଦିନ ଧରି ହୋଇ ଆସୁଥିବା ଦାବି ପୂରଣ ହୋଇଛି। ଆଜି ମଙ୍ଗଳବାର ଦିନ ପାରାଦୀପରୁ କେନ୍ଦ୍ରାପଡ଼ା ଦେଇ କେନ୍ଦୁଝରଗଡ଼କୁ ମେମୋ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି।ଏହି ଅବସରରେ ପାରାଦୀପ ରେଳ ଷ୍ଟେସନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ଏହି ରେଳ ଚଳାଚଳର ଶୁଭାରମ୍ଭ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାକୁ ରେଳ ଚଳାଚଳ ନିମନ୍ତେ ବହୁ ଦିନରୁ ଦାବି ହୋଇ ଆସୁଥିଲା। ମଙ୍ଗଳବାର ଦିନ ରେଳ ଚଳାଚଳ ଆରମ୍ଭ ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ପଡୋଶୀ ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଲୋକମାନେ ରେଳ ଯାତ୍ରା ଆରମ୍ଭ କରିଥିଲେ। ଏହି ରେଳ ରାସ୍ତାରେ କେବଳ ପାରାଦୀପ ବନ୍ଦରକୁ ମାଲବାହୀ ଟ୍ରେନ୍ ଚଳାଚଳ କରୁଥିଲା।ଯାତ୍ରୀ ବାହୀ ରେଳ ଚଳାଚଳ କରିବା ପରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ସାଧାରଣ ଲୋକଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି।

## ୨ ବଖରା ଜଳିଗଲା

ରାଜନଗର, ୫।୩(ସମିସ): ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ଅନ୍ତର୍ଗତ କଣି ଗାଁରେ ଗତକାଲି ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଗାଁର ଅମର ପରିଡ଼ାଙ୍କ ଘରେ ଗତକାଲି ରାତି ପ୍ରାୟ ୧୨ଟା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଅମର ରାଜ୍ୟ ବାହାରେ ଥିବାବେଳେ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ଶୋଇଥିବା ଘରେ ଅଗ୍ନିକାଣ୍ଡ ଘଟିଥିଲା। ପଡୋଶୀ ନିଆଁ ଧାସ ଦେଖି ଆସି ଡାକିବା ପରେ ନିଆ ଭିତରୁ ୩ଜଣ ବାହାରକୁ ଆସିଥିଲେ। ଏହି ଅଗ୍ନିକାଣ୍ଡରେ ୨ ବଖରା ଘର ସହିତ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି।

## ଶ୍ରୀକାମେଶ୍ୱର ମହାଦେବଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରାଜନଗର, ୫।୩(ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ କଲୋନୀ ଗାଁରେ କାମେଶ୍ୱର ମହାଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚଳିତମାସ ୩ ତାରିଖଠାରୁ ଆରମ୍ଭ ହୋଇଛି। ୩ ତାରିଖ ଦିନ ମହାରୁଦ୍ରଯଜ୍ଞର ଅଙ୍କୁରାରୋପଣ କରାଯାଇଥିଲା। ଗତକାଲି ମହାରୁଦ୍ର ଯଜ୍ଞର କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ମା’ମାଟିଆମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଗାଁର ୧୦୮ ଜଣ ମହିଳା କଳସ ଶୋଭାଯାତ୍ରାରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ଆଜି ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନ, ଯଜ୍ଞ ଆରମ୍ଭ ସହିତ ବିଗ୍ରହ ମାନଙ୍କ ମହାସ୍ନାନ କରାଯାଇଛି। ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ୯ ତାରିଖ ଯାଏଁ ଚାଲିବ। ଆସନ୍ତାକାଲି ଠାକୁରଙ୍କ ପୂଜାର୍ଚ୍ଚନା ସହିତ ଶିବ ସହସ୍ରନାମ ପାଠ, ଚଣ୍ଡୀପାଠ, ବିଗ୍ରହ ମାନଙ୍କର ନଗର ପରିକ୍ରମା ଓ ସାଧୁ ସମ୍ମିଳନୀ ଅନୁଷ୍ଠିତ ହେବ। ୭ ତାରିଖ ଦିନ ସୂର୍ଯ୍ୟପୂଜା, ଗୋ ପୂଜା, ଦ୍ୱାରପାଳ ପୂଜା ସହିତ ବିଗ୍ରହ ମାନଙ୍କର ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା ମନ୍ଦିର ସ୍ନାନ ସହିତ ବିଗ୍ରହ ମାନଙ୍କର ସ୍ଥାପନ ଓ ପୁର୍ଣ୍ଣାହୂତି ଦିଆଯିବ। ୮ ତାରିଖ ଦିନ ମହାଶିବରାତ୍ରି ଜାଗରରେ ଅଷ୍ଟମ ପ୍ରହର ନାମସଂକୀର୍ତ୍ତନ ଓ ମହାଦୀପ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଲୋନୀ ଗ୍ରାମବାସୀମାନେ ମିଳିତଭାବେ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଶ୍ରୀ କାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଗାଁ ଉତ୍ସବମୁଖର ହୋଇ ପଡ଼ିଛି।

## ପୌର ପରିଷଦ କାର୍ଯ୍ୟାଳୟ ଓ ସ୍ମାର୍ଟ ଶ୍ମଶାନ ଉଦ୍‌ଘାଟିତ



ପଟ୍ଟାମୁଣ୍ଡାଇ, ୫।୩(ସମିସ): ପ୍ରାୟ ୨.୫ କୋଟି ଟଙ୍କା ବ୍ୟୟରେ ବାଇପାସଠାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ନୂତନ କାର୍ଯ୍ୟାଳୟ, ୧.୫ କୋଟି ଟଙ୍କା ବ୍ୟୟରେ ବାଲିପଡ଼ା ଠାରେ ପଟ୍ଟାମୁଣ୍ଡାଇ ସ୍ମା।ଟ ଶ୍ମଶାନ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୌର ପରିଷଦ ନୂତନ କାର୍ଯ୍ୟାଳୟ ଓ ନୂତନ ସ୍ମାଟ ଶ୍ମଶାନକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତସାହୁ, ଉପାଧ୍ୟକ୍ଷା ଅନୁପ୍ରିୟାସାହୁ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ବିଜେଡ ସଭାପତି କିଶୋରସାହୁ, ନଗର ବିଜେଡିସଭାପତି ବୁଢ଼ା ଲେଙ୍କା, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ସହନିର୍ବାହୀ ଯନ୍ତ୍ରୀ ରମେଶ ଠାକୁର, କନିଷ୍ଠଯନ୍ତ୍ରୀସୁଶୀଲ ବେହେରା, କାଉନସିଲର ସର୍ବଶ୍ରୀ ପ୍ରଶାନ୍ତ ବାରିକ, ଗୋପୀ ବଲ୍ଲଭ ନାୟକ, ମଳୟ ଝା, ଲକ୍ଷ୍ମୀପ୍ରିୟାସାହୁ, ସନ୍ତୋଷ ଦାସ, ସୁଧାମୟ ମଲିକ, ମଧୁସ୍ମିତା ମଲିକ, ଲାସ୍ୟମୟୀସାହୁ, ପ୍ରିୟଙ୍କା ସେଠୀ, ସାନିଆ ପରମିନସାହେବା, ଝରଣା ବେହେରା, ମୃତ୍ୟୁଞ୍ଜୟ ପାଢ଼ୀ, ସୁବାଷ ମଲିକ, ରୀନାରାଣୀ ମଲିକ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଅଶୋକ ଧଳ, ସୁରେନ୍ଦ୍ର ଗିରି, ନିରାକାରସାହୁ ସୌରେନ୍ଦ୍ର ବେହେରା, ଅଭିରାମ ସ୍ୱାଇଁ, ମଳୟ ମଲିକ, ବାପିସାମଲ ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି, ବିଜେଡି ନେତା କର୍ମକର୍ତ୍ତା ଓ ଜନସାଧାରଣ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା, ସତ୍ୟାନନ୍ଦସାହୁ, ବିଜୟ ସ୍ୱାଇଁ, ହୃଷିକେଶ ନାଥ, ମହେଶ୍ୱର ଲେଙ୍କା ଓ ପ୍ରଫୁଲ୍ଲ ଦାଶ ପରିଚାଳନା କରିଥିଲେ।

## ରୋଗ ବାଣ୍ଟୁଛି ଜଳଯୋଗାଣ ଓ ପରିମଳ ବିଭାଗ

● ଟାଙ୍କିରେ ବ୍ୟବହାର ହେଉନି ବ୍ଲିଚିଂ; ବଢୁଛି କିଡ୍‌ନୀ ରୋଗୀଙ୍କ ସଂଖ୍ୟା
● କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୫।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ୭ ନଦୀ, ୨୭ ଉପନଦୀ ଓ ୩ଟା ବଡ ବଡ କେନାଲ। ଦିନଥିଲା ୩୬୫ ଦିନ କେନାଲରେ ପାଣି ରହୁଥିଲା। ଜଳସ୍ତର ଉପରେ ରହିଲେ ଗଛ ବୃକ୍ଷ ଗୋରୁ ଗାଇ ଛେଳି ମେଣ୍ଢା ସମସ୍ତେ ପାଣି ପାଉଥିଲେ ଆଉ ପାନୀୟ ଜଳଭାବେ ବ୍ୟବହାର କରୁଥିଲେ। ଗାଁ ଓ ସହରର ଥିବା ସମସ୍ତ କୂଅ ପୋଖରୀ ଓ ଛୋଟ ନଳକୂପର ପାଣି ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ। ଦୀର୍ଘ ୨୦ ବର୍ଷ ହେବ କେନ୍ଦ୍ରାପଡ଼ା, ମାର୍ଶାଘାଇ ଓ ଜମ୍ବୁ କେନାଲକୁ ଶୁଖିଲା ରଖି କେନ୍ଦ୍ରାପଡ଼ା ଜିଲ୍ଲାର କୃଷି ପାଇଁ ଉଦ୍ଦିଷ୍ଟ ଜଳକୁ ପାଇପ ଯୋଗେ ପାରାଦୀପକୁ ପଠାଯାଉଥିବାରୁ କେନ୍ଦ୍ରାପଡ଼ାକୁ ଜଳ ସଙ୍କଟ ଜିଲ୍ଲା ଭାବେ ଏବେ ଅଭିହିତ କରାଯାଇଛି। ତେଣୁ ଏବେ ପ୍ରତ୍ୟେକ ଗାଁରେ ସୁ-ଉଚ୍ଚ ଟାଙ୍କିରୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହି ପାନୀୟ ଜଳରେ ବ୍ଲିଚିଂ ମିଶ୍ରଣ ହେଉନଥିବାରୁ ପାନୀୟ ଜଳରେ ଶିଉଳି ଆସିବା ଦ୍ୱାରା ଘରେ ଘରେ କିଡନୀ ରୋଗୀ ବଢୁଛନ୍ତି। କେନ୍ଦ୍ରାପଡ଼ା ମେଡିକାଲରେ ଡାଇଲେସିସ୍ ପାଇଁ ଲମ୍ବା ଧାଡି ଲାଗୁଛି। ସାମାନ୍ୟ ବ୍ଲିଚିଂ ପାଇଁ ଲକ୍ଷ ଲକ୍ଷ ଜନତାଙ୍କ ଜୀବନ ବିପନ୍ନ ହେଉଛି ।ଏଣୁ ଏହାର ତଦନ୍ତ କରି ସବୁ ଟାଙ୍କିକୁ ବ୍ଲିଚିଂ କରିବା, ଟାଙ୍କିକୁ ବିଶୋଧନ କରି ପ୍ରତ୍ୟେହ ବ୍ଲିଚିଂ ମିଶ୍ରିତ ପାଣି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ଯଦି ସମସ୍ତ ଟାଙ୍କିରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆନଯାଏ ତେବେ କେନ୍ଦ୍ରାପଡ଼ାରେ ମହାମାରୀ ବ୍ୟାପିବା ପାଇଁ ପ୍ରଶାସନ ଦାୟୀ ରହିବ ବୋଲି ବରିଷ୍ଠ ଆଇନଜିବୀ ତଥା ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ସଦସ୍ୟ ବିଧୁ ଭୂଷଣ ମହାପାତ୍ର ସୂଚାଇ ଦେଇଛନ୍ତି।

## ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ‘ନୂଆ-ଓ’ ଛାତ୍ରବୃତ୍ତି

ମହାକାଳପଡ଼ା, ୫।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାସ୍ଥିତ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ ସୋମବାର ମୁଖ୍ୟମନ୍ତ୍ରୀ ମେଧା ଛାତ୍ରବୃତ୍ତି ପ୍ରଦାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ, ଯୋଗାଣ, ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚ ଶିକ୍ଷା ପାଇଁ ଗ୍ରାମାଞ୍ଚଳ ଏବଂ ଆର୍ଥିକ ଅନଗ୍ରସର ପିଲାମାନଙ୍କ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର କରିଥିବା ଏହି ଯୋଜନା ବେଶ ଉତ୍ସାହପ୍ରଦ ବୋଲି କହିଥିଲେ। ଡିଗ୍ରୀ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଲୋଚନା ଦାସ, ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ମହାବିଦ୍ୟାଳୟର ୭୦୦ରୁ ଅଧିକ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ମେଧା ଛାତ୍ର ବୃତ୍ତି ଲାଭ କରିଥିଲେ।

## ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ

# ‘ଆର୍ଥିକ ଅନୁଦାନର ସଫଳ ବିନିଯୋଗ ବିଜୁବାବୁଙ୍କ ପାଇଁ ହେବ ଶ୍ରଦ୍ଧାଞ୍ଜଳି’



କେନ୍ଦ୍ରାପଡ଼ା, ୫।୩(ସମିସ): ପ୍ରବାଦ ପୁରୁଷ, ଆଧୁନିକ ଓଡ଼ିଶାର ନିର୍ମାଣ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ୧୦୮ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ସମାରୋହ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଓ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ଡେରାବିଶ ବିଡିଓ ଦାଶରଥି ଜେନା ଓ କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମପଞ୍ଚାୟତ ହେଉ ଅବା ପଞ୍ଚାୟତ ସମିତି ସେଠାକୁ ଆସୁଥିବା ଆର୍ଥିକ ଅନୁଦାନକୁ ଶହେ ପ୍ରତିଶତ ସଫଳ ବିନିଯୋଗ କରି ଜନମଙ୍ଗଳ କାର୍ଯ୍ୟକ୍ରମକୁ ଲୋକାଭିମୁଖି କରିବାକୁ ସଂକଳ୍ପ ନେବା ଆଜିର ଦିବସରେ ତାଙ୍କ ପାଇଁ ସଠିକ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ସମାରୋହ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ଅତିଥିମାନେ। ଏହାପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା।

ଜିଲ୍ଲା ସ୍ତରୀୟ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ଭାବେ ରାଜନଗର ଗ୍ରାମ ପଞ୍ଚାୟତ (ରାଜନଗର ବ୍ଲକ) ପ୍ରଥମ ସ୍ଥାନ ଅଧିକାର କରି ୧.୫୦ଲକ୍ଷ, ରାଜନଗର ବ୍ଲକରେ ମହିଷାସୁର ଗ୍ରାମ ପଞ୍ଚାୟତ ଦ୍ୱିତୀୟ ସ୍ଥାନ ଅଧିକାର କରି ୧.୨୫ଲକ୍ଷ ଏବଂ ଡେରାବିଶ ବ୍ଲକର ଏକ ଲକ୍ଷ ଟଙ୍କାର ଗୋଲରହାଟ ଗ୍ରାମ ପଞ୍ଚାୟତର ଏକ ଲକ୍ଷ ଟଙ୍କାର ପୁରସ୍କାର ପାଇଥିଲେ। ସେହିପରି ଭିଡିଓ ଡକ୍ୟୁମେଣ୍ଟେସନରେ ଆଳି ବ୍ଲକ ପ୍ରଥମ, ମହାକାଳପଡ଼ା ବ୍ଲକ ଦ୍ୱିତୀୟ ଓ କେନ୍ଦ୍ରାପଡ଼ା ବ୍ଲକ ତୃତୀୟ ସ୍ଥାନ ଅଧିକାର କରି ପ୍ରମାଣ ପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ଗ୍ରାମ ପଞ୍ଚାୟତରେ କାର୍ଯ୍ୟକାରୀ ସଫଳ ଯୋଜନାକୁ ଫଟୋଗ୍ରାଫୀ କରି ଲିପପ୍ଲେଟ କରିବା ଓ ପୁସ୍ତକରେ ସନିବେସିତ କରିବାରେ ଆଳି ବ୍ଲକର ନିଆଳ ଗ୍ରାମ ପଞ୍ଚାୟତ ପ୍ରଥମ, ଡେରାବିଶ ବ୍ଲକର ଚାଟରା ଚକ୍ରୋଡା ଗ୍ରାମ ପଞ୍ଚାୟତର ଦ୍ୱିତୀୟ ଓ ରାଜକନିକା ବ୍ଲକର କଣ୍ଠାପଡ଼ା ଗ୍ରାମ ପଞ୍ଚାୟତ ତୃତୀୟ ହୋଇ ପ୍ରାମାଣ ପତ୍ର ଓ ଟ୍ରଫି ଅତିଥିମାନଙ୍କଠାରୁ ଗ୍ରହଣ କରିଥିଲେ।

● ଈଶ୍ୱରପୁର ଘଡ଼ିଆମାଳ ପ୍ରିମିୟର ଲିଗ୍

# ଅରୁଣ ଟାଇଗର୍ ଚାମ୍ପିଅନ




ରାଜନଗର, ୫।୩(ସମିସ): ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଦିଘି ଖେଳପଡ଼ିଆରେ ଈଶ୍ୱରପୁର-ଘଡିଆମାଳ ପ୍ରିମିୟର ଲିଗ କ୍ରିକେଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚ ଅରୁଣ ଟାଇଗର ସହିତ ଇଲେଭେନଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅରୁଣ ଟାଇଗର ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇଥିଲା। ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ଦଳ ୧୩୮ ରନ ସଂଗ୍ରହ କରିଥିଲା। ୧୩୯ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଇଲେଭେନଷ୍ଟାର ଟାଇଗର ନିର୍ଦ୍ଧାରିତ ଓଭର ପୂର୍ବରୁ ୧୦୭ ରନ କରି ସମସ୍ତ ଉଇକେଟ ହରାଇ ପରାଜିତ ହୋଇଥିଲା। ଆଜିର ଏହି ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଚମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ସିରିଜ ହୋଇଥିବା ମୁନା ପଲାଇ ଓ ମ୍ୟାନ ଅଫ ଦି ମ୍ୟାଚ ମୁନା ଖୁଣ୍ଟିଆ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର, ଜିଲ୍ଲା ଓବିସି ସେଲ ଅଧ୍ୟକ୍ଷ ବିଜୟ ନାୟକ, ଈଶ୍ୱରପୁର ସରପଞ୍ଚ ପ୍ରତିନିଧି ହୃଷିକେଶ ପ୍ରଧାନ, ଯୁବନେତା ମୋହନ ଚନ୍ଦ୍ର ବିଶ୍ୱାଳ, ମଧୁସୂଦନ ଜେନା, ରାକେଶ ନାୟକ, ରବୀନ୍ଦ୍ର କୁମାର ସେଠୀ, ବସନ୍ତ କୁମାର ବେହେରା, ବସନ୍ତ ନାୟକ, ସୁବାଷ ସାମଲ, ନାରାୟଣ ନାୟକ, ଅମ୍ପାୟାର ଭାବେ ଭରତ ଚନ୍ଦ୍ର ପ୍ରଧାନ, ରଶ୍ମି ରଞ୍ଜନ ମହାରଣା, ସ୍କୋରର ଭାବେ ପ୍ରତାପ ମଲ୍ଲିକ, ଭାଷ୍ୟକାର ଭାବେ ସୁଶାନ୍ତ ନାୟକ, ହାପି ପାତ୍ର ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ଜିତେନ୍ଦ୍ର ବିଶ୍ୱାଳ, ପ୍ରାଣକୃଷ୍ଣ ଜେନା, ଅଜୟ କୁମାର ମଲ୍ଲିକ, ସଞ୍ଜୟ କୁମାର ମଣ୍ଡଳ, ଶରତ ଜେନା ପ୍ରମୁଖ ପରିଚାଳନା କରିଥିଲେ।






## ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

**ଢେଙ୍କାନାଳ, ୫।୩ (ସିମିସ)** : ସହର ନିକଟସ୍ଥିତ ଗଜମରା ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରୁ କେତେକ ଅଜଣା ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନାଗହଣା ସହିତ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗଜମରା ଗ୍ରାମର ବିଳାସିନୀ ବେହେରାଙ୍କ ଘରେ କେତେକ ଅଜଣା ଦୁର୍ବୃତ୍ତ ପ୍ରବେଶ କରି ପରିବାର ସଦସ୍ୟମାନେ ଶୋଇଥିବା ସମୟରେ ଆଲମିରାରୁ ୨ଟି ସୁନାହାର, ୩ଟି ଚେନ୍, ୪ହଳ କାନଫୁଲ ସହିତ ୮ହଳ ରୁଡ଼ି ଏହିପରି ମୋଟ ୧କେଜି ସୁନା ସହିତ ବିଭିନ୍ନ ରୁପା ସାମଗ୍ରୀ ୫ଶହ ଗ୍ରାମର ଏବଂ ନଗଦ ୧୨ହଜାର ଟଙ୍କା ଇତ୍ୟାଦିକୁ ଲୁଟି ନେଇଥିବାର ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଳାସିନୀ ବେହେରାଙ୍କ ପୁଅ ପ୍ରସନ୍ନ ବେହେରା ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଟାଉନ ପୁଲିସ୍ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କର କୌଣସି ପତ୍ତା ମିଳିନାହିଁ।

## କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ମାଈହାତୀର ମୃତ୍ୟୁ

**ଢେଙ୍କାନାଳ, ୫।୩ (ସିମିସ)** :କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ଚିକିତ୍ସାଧୀନ ମାଈ ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ମାଈହାତୀଟି ଜଙ୍ଗଲୀ ଜନ୍ତୁଙ୍କୁ ଶିକାର ପାଇଁ ରଖାଯାଇଥିବା ବୋମା ଖାଇ ଗୁରୁତର ଆହତ ହୋଇଥିଲା। ଏହି ହାତୀଟିକୁ ଉଦ୍ଧାର କରାଯାଇ କପିଳାସ ଚିଡ଼ିଆଖାନା ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ରଖାଯାଇ ବନବିଭାଗ ଦ୍ୱାରା ଚିକିତ୍ସା ଜାରି ରହିଥିଲା। ମଙ୍ଗଳବାର ହାତୀଟି ଅସୁସ୍ଥ ହୋଇ ପ୍ରାଣ ହରାଇଛି। ଏହି ମାଈହାତୀର ବୟସ ୧୦ ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

## ପୂର୍ବଶତ୍ରୁତାରୁ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

**ଢେଙ୍କାନାଳ, ୫।୩ (ସିମିସ)** :ସ୍ଥାନୀୟ ଚନ୍ଦନବଜାର ଅଞ୍ଚଳରେ ଜନୈକ ବୃଦ୍ଧଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମରଣାତ୍ମକ ଆକ୍ରମଣ କରାଯିବାରୁ ସେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସ୍ଥାନୀୟ ଚନ୍ଦନବଜାରର ବାସିନ୍ଦା ଅରକ୍ଷିତ ନାୟକ (୯୦)ଙ୍କ ସହିତ କେତେକ ଯୁବକଙ୍କ ପୂର୍ବ ଶତ୍ରୁତା ଲାଗିରହିଥିଲା। ଏହାକୁ କେନ୍ଦ୍ରକରି କେତେକ ଯୁବକ ମିଳିତ ହୋଇ ଅରକ୍ଷିତଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ହୋଇଥିଲା। ସେଠାରୁ ତାଙ୍କୁ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

● ବ୍ରାହ୍ମଣୀ ସେତୁର ରକ୍ଷଣାବେକ୍ଷଣ

## ଭାରୀଯାନ ଚଳାଚଳ ଉପରେ କଟକଣା

**ଢେଙ୍କାନାଳ, ୫।୩ (ସମିସ)** : ସଦର ବ୍ଲକ ଅନ୍ତର୍ଗତ କମଗରା ଗ୍ରାମ ନିକଟରେ ଥିବା ବ୍ରାହ୍ମଣୀ ବ୍ରିଜର ରକ୍ଷଣାବେକ୍ଷଣ ପାଇଁ ଭାରୀଯାନ ଚଳାଚଳ ଉପରେ କଟକଣା କରାଯାଇଛି। ପୋଲରେ ଲାଗିଥିବା ବିଅରିଂ ଗୁଡ଼ିକ ରକ୍ଷଣାବେକ୍ଷଣ ପାଇଁ କାର୍ଯ୍ୟ କରାଯାଉଛି। ଏହାକୁ ନେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପତ୍ରସଂଖ୍ୟା୫୨୫/୨୪ ଅନୁସାରେ ବ୍ରାହ୍ମଣୀ ବ୍ରିଜର ରକ୍ଷଣାବେକ୍ଷଣ କରାଯାଉଥିବାରୁ ମୋଟରଯାନ ଆଇନ ଅନୁସାରେ ପୋଲ ଉପର ଦେଇ ଭାରୀଯାନ ମଧ୍ୟରେ ଟ୍ରକ, ଟ୍ରେଲର, ବସ୍ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଏହି କଟକଣା ଚଳିତ ମାସ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ ଭାରୀଯାନ ଗୁଡ଼ିକ ଢେଙ୍କାନାଳ କାମାକ୍ଷାନଗର ଯିବାକୁ ହେଲେ କଳାପାଣି ଛକ ଦେଇ ବଣସିଂହ ଛକ, କାଲୁରିଆଛକ, ଗୋରଡ଼ିଆ ପୋଲ, ସରଦେଇପୁର, ପଣ୍ଡୁଆ ଆଲୁଅଝରଣ ଦେଇ ଯାତାୟାତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କପିଳାସ ପୀଠରେ ପଲିଥିନ୍ ନିଷେଧ

**ଢେଙ୍କାନାଳ, ୫।୩ (ସମିସ)** : ପ୍ରସିଦ୍ଧ ଶୈବପୀଠ କପିଳାସରେ ଜାଗର ଯାତ୍ରା ଅବସରରେ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏ ସଂକ୍ରାନ୍ତରେ କପିଳାସ ପୀଠ ଅଞ୍ଚଳରେ ବ୍ୟବସାୟ କରୁଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନକୁ ସୂଚନା ପ୍ରଦାନ କରାଯାଇଛି। ପଲିଥିନ୍ ବଦଳରେ ଖଲି, ଚଉପତି ଓ ଅନ୍ୟାନ୍ୟ ବ୍ୟାଗ ବ୍ୟବସାୟିକ ପ୍ରତିଷ୍ଠାନମାନେ ବ୍ୟବହାର କରିପାରିବେ ବୋଲି ଉପଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ଦ୍ୱାରା ଦେବୋତ୍ତର ବିଭାଗ ପକ୍ଷରୁ ଜାରି ହୋଇଥିବା ଏକ ନିର୍ଦ୍ଦେଶନାମାରେ ଜଣାପଡ଼ିଛି।

# ମରୁଭୂମି ପାଲଟିବ ତାଳଚେର!

● ରାଜସ୍ୱ ପାଇଁ ପ୍ରକୃତିକୁ କୁଠାରଘାତ

● ମୃତ୍ୟୁ ଶଯ୍ୟାରେ ଜଙ୍ଗଲ, ନଦୀ ଓ ଝରଣା

**ତାଳଚେରସଦର, ୫।୩(ସମିସ)**

ତାଳଚେର ଭାଗ୍ୟ ଆକାଶରେ ଆଜି ଢ଼ାଙ୍କିଛି କଳା ବାଦଲ। ରାଜସ୍ୱ ପାଇଁ ଯେଉଁ ଅନୁପାତରେ ପ୍ରକୃତି ଉପରେ କୁଠାରଘାତ ଚାଲିଛି, ଆଉ ମାତ୍ର କିଛି ହାତଗଣତି ଦଶନ୍ଧି ମଧ୍ୟରେ ପ୍ରକୃତି ଓ ପରିବେଶ ଭରା ତାଳଚେର ମରୁଭୂମି ପାଲଟିଯିବା ଆଶଙ୍କାକୁ କଦାପି ଏଡ଼ାଇ ଦିଆଯାଇ ନପାରେ ବୋଲି ପରିବେଶବିତ୍ମାନେ ମତପ୍ରକାଶ କରିଛନ୍ତି। ଏବେ ସଂରକ୍ଷିତ ଜଙ୍ଗଲ ସହ ଗ୍ରାମ୍ୟଜଙ୍ଗଲ, ନଦୀ, ନାଳ ଇତ୍ୟାଦି ପଦା ହେବାକୁ ଲାଗିଛି। ଏଭଳି ସ୍ଥିତି ଜାରି ରହିଲେ, ବିପଦ ବଳୟ ଭିତରେ ତାଳଚେର ପରିବେଶ ଓ ପ୍ରକୃତି ବିଲିନ ହୋଇଯିବ। ମଣିଷ ସମାଜ ଭୟଙ୍କର ଭାବେ ପ୍ରଭାବିତ ହେବ ଏଭଳି ଆଶଙ୍କା ପ୍ରକାଶ ପାଇଲାଣି। ୧୯୨୭ ମସିହାରେ ବ୍ରିଟିସର୍ ମାନେ କଳାହୀରା ତାଳଚେର ସହରକୁ ଆସି ଖଣିଖାଦାନ ଭରା ଏହି ଅଂଚଳରେ ଲଲୁପ ଦୃଷ୍ଟି ପକାଇଥିଲେ। ଏହି ଅଂଚଳରେ ଗଛିତ ଥିବା ମୂଲ୍ୟବାନ୍ କୋଇଲା ସମାଜର ଆବଶ୍ୟକତାକୁ ମେଣ୍ଟାଇବାକୁ ଯାଇ ଆରମ୍ଭ ହୋଇଥିଲା ଖଣି କାର୍ଯ୍ୟ। ତେବେ ଏହାକୁ ଏକ ସମ୍ବନ୍ୱିତ ଧାରାରେ ଖନନ କରାଯିବାର ଆବଶ୍ୟକତା ଥିଲା। କିନ୍ତୁ





ଦୂରଦୃଷ୍ଟି ହେଉ କିମ୍ବା ଅଧିକ ରାଜସ୍ୱ ଆଶାରେ ହେଉ ପ୍ରକୃତିଦତ୍ତ ସମ୍ପତ୍ତିକୁ ଗ୍ରାସ କରି ଚାଲିଥିବା କୁହାଯାଉଛି। ଅବକ୍ଷୟ ଧାରା ଏପରି ବଢ଼ି ଚାଲିଲା ଯେ, ଏହି ଅଂଚଳ ହାହାକାର ମଧ୍ୟକୁ ଠେଲି ହୋଇଯାଇଛି। ଅଧିକାଂଶ ଅଂଚଳ ଅନ୍ଧାର ଭିତରେ ଲୀନ ହୋଇଛି। ଫଳରେ ହିଙ୍ଗୁଳାରେ ଥିବା ବାଉଁଶବଣ ସହ ଜଙ୍ଗଲ, ନକେଇପଶି ଜଙ୍ଗଲ, ରାକଶବାହାଳ ଜଙ୍ଗଲ, ଡ଼ଅଁରା ଜଙ୍ଗଲ, ଜାମ୍ବୁବାହାଳି ଜଙ୍ଗଲ, ହିଲୋଇ ଓ ଏକଡ଼ାଳ ଜଙ୍ଗଲ, ଲାଙ୍ଗିଯୋଡ଼ ଓ ମଦନମୋହନପୁର ଜଙ୍ଗଲ, ବ୍ରାହ୍ମଣୀବାହାଳ ଜଙ୍ଗଲ, ବଳଣ୍ଡା ଜଙ୍ଗଲ ବର୍ତ୍ତମାନ ନଷ୍ଟ ହେବାସହ ବହୁ ପୁରାତନ ଡ଼ଅଁରା ଓ କଳମଛୁଇଁ ଅଂଚଳରେ, ଶହଶହ ଏକର ଜମିରେ ରହିଥିବା ସତ୍ୟବାଦୀ ସାଗର, ବ୍ରାହ୍ମଣୀବାହାଳ ନାଳ, ବଡ଼ବଡ଼ ପୋଖରୀ, ହ୍ରଦ ଓ ପାଣିମାହାରା ଆଜି ଖଣିଖାଦାନରେ ବିଲୀନ ହୋଇଯାଇଛି। ଫଳରେ ଜଙ୍ଗଲ ପଶୁପକ୍ଷୀ କଲରାପତିରିଆ ବାଘ, ଭାଲୁ, ମାଙ୍କଡ଼, ହରିଣ, କୁଟୁରା, ବିଲୁଆ, ଝିଙ୍କ, ବଜ୍ରକାପ୍ତ, ଜଙ୍ଗଲୀ କୁକୁଡ଼ା, ମୟୂର, ଅଜଗର, ନାଗ ଆଦି ସରୀସୃପ ଓ ବିରଳ ପ୍ରଜାତି ତଥା ଓଡ଼ନ୍ତା ଗୁଣ୍ଡଚି, ଚିଲ, ଶଗୁଣା, ଶରୀଆପତିନୀ, ଶୁଆ, ସାରି ଏପରିକି ଘର ଚଟିଆ ଆଜି ଅନେକ ପ୍ରାଣୀ ନିଜର ଆଶ୍ରୟସ୍ଥଳୀ ନଥିବାରୁ ସେଗୁଡ଼ିକ ଆଜି ବିଲୁପ୍ତ ପ୍ରାୟ। ଏ ଅଂଚଳରେ ବସବାସକରି ଆସୁଥିବା ଚାଷୀ ଓ କମାର, କୁମ୍ଭାର, ବଢ଼େଇ ବେଉସା ହରାଇ ହାତଟେକି ବସିଛନ୍ତି। ସ୍ଥାନୀୟ ଅଧିବାସୀ ଜୀବନଜୀବିକା ଭାବେ ତଥା ଦୈନିକ ଚଳଣିପାଇଁ ମହୁଲ, ଝୁଣା, ମହୁ, ଜାଳେଣିକାଠ, ଟୁଲ, ଆମ୍ବ, ପଣସ ଓ ଔଷଧୀୟ ଚେମୂଳୀ, ଶାଳପତ୍ର, କେନ୍ଦୁପତ୍ର ଇତ୍ୟାଦି ସଂଗ୍ରହ କରି ଦୈନିକ ଜୀବନ ନିର୍ବାହ ପାଇଁ ଯେଉଁ ଜଙ୍ଗଲ ଉପରେ ନିର୍ଭର କରୁଥିଲେ ସେହି ଜଙ୍ଗଲ ଗୁଡ଼ିକ ଲୋପ ପାଇବାପରେ ଶହଶହ ପରିବାର ହାହତାସ ମଧ୍ୟରେ ଗତି କରି ଭାଗ୍ୟକୁ ଆଦରି ରହି ପଡ଼ିଥିବା ଦେଖିବାକୁ ମିଳିଛି। ଏଅଂଚଳରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବା ସହ ଆଦ୍ରତା ମଧ୍ୟ କମୁଛି। ଫଳରେ ଏହାର ପ୍ରଭାବ ସିଧାସଳଖ ଅଂଚଳବାସୀଙ୍କ ଉପରେ ପଡୁଛି। ଏହା ଉପରେ ବୈୟଜ୍ୟେଷ୍ଠ ମାନଙ୍କର ମତାମତ ଯେ, ତାଳଚେରର ଭୌଗଳିକ ପରିସ୍ଥିତି ପ୍ରାୟ ୭୦ବର୍ଷ ପୂର୍ବେ ଯେଉଁ ପ୍ରକୃତିଦତ୍ତ ସୌନ୍ଦର୍ଯ୍ୟମୟ ପରିବେଶ ମଧ୍ୟରେ ତାଳଚେର ରହିଥିଲା ତାହା ଆଜି ଦେଖିବାକୁ ମିଳୁନାହିଁ। ଫଳରେ ଜଳ, ସ୍ଥଳ ଓ ଆକାଶ ଆଜି ପ୍ରଦ୍ୟୁଷିତ ହୋଇ ଏଠିକାର ଅଂଚଳବାସୀ ବିଭିନ୍ନ ମାରାତ୍ମକରୋଗ ଶୀକାର ହୋଇ ତ୍ରାହିତ୍ରାହି ଡ଼ାକ ଦେବା ଆରମ୍ଭ କରିଦେଲେଣି।

## ବ୍ଲକସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ

**କଣିହାଁ, ୫।୩(ସମିସ)**: କଣିହା ବ୍ଲକସ୍ଥିତ ପବିତ୍ର ମୋହନ ସଭାଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ବିଡିଓ ଦେବଦତ୍ତ ପ୍ରଧାନଙ୍କ, ସହକାରୀ ଯନ୍ତ୍ରୀ ସଲିଲ ସ୍ୱାଇଁ ଯୋଗଦେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୧୦୮ ତମ ଜୟନ୍ତୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ, ପୁଷ୍ପ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଡିଓ ଶ୍ରୀ ପ୍ରଧାନ ପରିଚାଳନା କରିଥିବାବେଳେ କନିଷ୍ଠଯନ୍ତ୍ରୀ କାର୍ତ୍ତିକ ମଲ୍ଲିକ, ହେଡ କ୍ଲର୍କ ଅମିୟ କୁମାର ତ୍ରିପାଠୀ, କାର୍ଯ୍ୟକାରୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା, କାର୍ଯ୍ୟକ୍ରମ ଅଧିକାରୀ ବୁଲୁ ବିଶ୍ୱାଳ, ପ୍ରମୁଖ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

**କିଶୋରନଗର:** କିଶୋରନଗର ବ୍ଲକ ସଭାଘର ଠାରେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଡିଓ ବିନୋଦ ବିହାରୀ ବେହେରା, ତହସିଲଦାର ମନୋଜ ପ୍ରଧାନ, ଏବିଡିଓ ଦିଲୀପ ପ୍ରଧାନ, ଜିପିଡିଓ ସତ୍ୟପ୍ରିୟ ସାହୁ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଥାନା ଆଇଆଇସି ବିଭୂତି ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଶତପଥି, ମିଶନ ଶକ୍ତି ସଂଯୋଜକ ଉପେନ୍ଦ୍ର ବେହେରା, ଜୀବିକା ମିଶନର ସୁଜିତ ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବସ୍ କର୍ମଚାରୀଙ୍କୁ ନିଶାଦେଇ ଲୁଟ୍

**ଭୁବନ, ୫।୩(ସମିସ)**: ବସ କର୍ମଚାରୀଙ୍କୁ ନିଶାଦେଇ ଲକ୍ଷାଧିକ ଟଙ୍କା, ମୋବାଇଲ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହୋଇନାହିଁ। ବସ୍ ମଧ୍ୟରେ ଶୋଇଥିବା ୩ କର୍ମଚାରୀଙ୍କୁ ଅଚେତ୍ ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ସନ୍ଧ୍ୟାରେ ଭୁବନ ଡାକ୍ତରଖନାରେ ଭର୍ତ୍ତି କରିଛନ୍ତି। କର୍ମଚାରୀଙ୍କ ମଧ୍ୟରୁ ଡ୍ରାଇଭରର ଚେତା ଫେରିଛି। ସେ ସମସ୍ତ ଘଟଣା କହିବା ପରେ ଜଣାଯାଇଛି ଯେ, ଥମ୍ବସ୍ ଅପ୍ ପିଆଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଜଣାପଡିଛି। ଯାଜପୁର ଜିଲ୍ଲାର ଅଳକୁଣ୍ଡଠାରୁ ଦାସ ଏଣ୍ଡ ଦାସ ବସ ଦିନ ୧୨ଟାରେ ପହଞ୍ଚି ୧୨.୨୫ରେ ଛାଡ଼ିବା କଥା। କାଳିବଜାର ବ୍ୟବସାୟୀ କୁଞ୍ଜ ବିହାରି ତ୍ରିପାଠୀ ବସରୁ ୧୬ପେଟି ମୋବିଲି ଅନଲୋଡ୍ ପରେ ୯୦ ହଜାର କଣ୍ଡକ୍ଟରକୁ ଦେଇଥିଲେ। ୧୨.୨୫ ସମୟରେ ବସ ଛାଡ଼ିବା ପରେ ଜଣେ ଅଜଣା ବ୍ୟକ୍ତି କାଳିବଜାରରୁ କହିଲେ ୪୦ଜଣ ଶ୍ରମିକ ଯାଜପୁର ଜିଲ୍ଲା ମଙ୍ଗଳପୁରକୁ ଯିବେ। ଏ ବିଷୟରେ ମାଲିକଙ୍କୁ କଣ୍ଡକ୍ଟର ଜଣାଇଥିଲେ। ଅଧିକ ଭଡ଼ା ପାଇବା ଆଶାରେ ୩ କର୍ମଚାରୀ ସେହି ଅଜଣା ବ୍ୟକ୍ତିଙ୍କ କଥାରେ ଭାସିଯାଇ ଲାଇନ୍ ବସର ପାସେଞ୍ଜରଙ୍କୁ କାଳୀ ବଜାରର ଓହ୍ଲେଇ ଦେଇ ୪କିମି ଦୂର ଶ୍ରୀ ଜଗନ୍ନାଥ ହୋଟେଲକୁ ଖାଇବାକୁ ଗଲେ। ସେଠାରୁ ଖାଇପିଇ ପୁଣି ଭୁବନ ନୀଳମାଧବ ଫିଲିଂ ଷ୍ଟେସନକୁ ଆସିଲେ। ହେଲ୍ପର ହାତରେ ଥଣ୍ଡା ମଗାଇ ପିଇଲେ। ୩କର୍ମଚାରୀ ଥଣ୍ଡା ପିଇ ଅଚେତ୍ ଅବସ୍ଥାରେ ବସ ଭିତରେ ଶୋଇ ରହିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ବସ ଯାଜପୁରରେ ନ ପହଞ୍ଚିବାରୁ ଟଙ୍କା ପଠାଇଥିବା କୁଞ୍ଜ ତ୍ରିପାଠୀଙ୍କୁ ଫୋନ ଆସିଲା। ସେ ବିଭନ୍ନ ସ୍ଥାନରେ ଖୋଜିବା ସହ ମାଲିକଙ୍କ ସହ ଯୋଗାଯୋଗ କରି ଜାଣିବାକୁ ପାଇଲେ ଯେ, ଭୁବନ ପେଟ୍ରୋଲ ପମ୍ପରେ ବସ ଠିଆ ହୋଇଛି। ସେଠାରୁ ଦେଖିବାକୁ ମିଳିଲା ୩କର୍ମଚାରୀ ଶୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଅପରାହ୍ନ ୫ଟା ରେ ଭର୍ତ୍ତି କରାଯାଇଥିଲା। କିଛିଟା ସୁସ୍ଥ ହେବା ପରେ ଘଟଣା ସଂପର୍କରେ ମୁହଁ ଖୋଲିଛନ୍ତି ହେଲ୍ପର୍ ନନ୍ଦ କିଶୋର ସାହୁ। ଏନେଇ ବ୍ୟବସାୟୀ କୁଞ୍ଜ ବିହାରି ତ୍ରିପାଠୀ କୁହନ୍ତି, ସେ ୧୨.୧୦ ସମୟର ମୋବିଲି ରଖିବା ସହ ୯୦ ହଜାର ଟଙ୍କା କଣ୍ଡକ୍ଟର ଅଭୟ ସାହୁଙ୍କୁ ଦେଇଥିଲେ। ଡ୍ରାଇଭର ଉଲ୍ଲାସ ଦାସ , କଣ୍ଡକ୍ଟର ଅଭୟ ସାହୁ, ହେଲ୍ପର ନନ୍ଦକିଶୋର ସାହୁ ଭୁବନ ଡାକ୍ତରଖାନା ଚିକିତ୍ସିତ ହେଉଛନ୍ତି। ରାତି ପ୍ରାୟ ୯ଟା ରେ ବସ ମାଲିକ ଦୀପକ କୁମାର ଦାସ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି ।

● ହାତୀ ଆକ୍ରମଣରେ ମହିଳା ଗୁରୁତର

## ଦୀର୍ଘ ୫ ଘଣ୍ଟା ଧରି ବନ୍ତଳା ଓ ବଡ଼କେରା ରାସ୍ତା ଅବରୋଧ

**ଅନୁଗୋଳ, ୫।୩(ସମିସ)** ମଙ୍ଗଳବାର ଧୁକୁଟା ଗାଁରେ ହାତୀ ଆକ୍ରମଣରେ ଲଳିତା ମହାରଣା (୬୦) ଗୁରୁତର ହୋଇଛନ୍ତି। ଅନୁଗୋଳ ବନାଞ୍ଚଳ ବନ୍ତଳା ଥାନା ଅନ୍ତର୍ଗତ ଧୁକୁଟା ଗ୍ରାମରେ ଶୌଚ ପାଇଁ ଯାଇଥିବା ବେଳେ ଲଳିତାଙ୍କୁ ହାତୀ ଆକ୍ରମଣ କରିଛି। ହାତୀ ଆକ୍ରମଣ ଦ୍ୱାରା ଲଳିତାଙ୍କ ଗୋଡ଼ କ୍ଷତବିକ୍ଷତ ହୋଇଛି। ହାତୀ ଆକ୍ରମଣ ସମୟରେ ଲଳିତା ଚିତ୍କାର କରିବା ଫଳରେ ସ୍ଥାନୀୟ ଲୋକ ଲଳିତାଙ୍କୁ ଉଦ୍ଧାର କରି ଅନୁଗୋଳ ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତେଜନା ଦେଖାଦେଇଥିଲା। ଦୀର୍ଘ ୫ ଘଣ୍ଟା ଧରି ବନ୍ତଳା ଓ ବଡ଼କେରା ରାସ୍ତାକୁ ସ୍ଥାନୀୟ ଲୋକ ଅବରୋଧ କରି ବିଭିନ୍ନ ଦାବି କରିଥିଲେ। ବନବିଭାଗ ଅଧିକାରୀ ହରମୋହନ ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।ବନ୍ତଳା ପୋଲିସ ଦୀର୍ଘ ପାଞ୍ଚ ଘଣ୍ଟା ପରେ ଲୋକଙ୍କ ସହିତ ଆଲୋଚନା କରି ରାସ୍ତା ଅବରୋଧ ହଟାଇ ଥିଲା।

ଟ୍ରକ୍ ମାଲିକ ସଙ୍ଘର କାର୍ଯ୍ୟକାରୀ ସଭାପତି ଅଟକ

## ପ୍ରତିବାଦରେ ଟ୍ରକ୍ ମାଲିକ ସଙ୍ଘର ଥାନା ଘେରଉ

**ଅନୁଗୋଳ,୫।୩ (ସମିସ)**: ତାଳଚେର ଟ୍ରକ ମାଲିକ ସଂଘର କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁଙ୍କୁ ଆଜି ପରିବହନକାରୀ ସଂସ୍ଥାର ମୁକେଶ ମହାନ୍ତିଙ୍କ ଅଭିଯୋଗ କ୍ରମେ ତାଳଚେର ଥାନାରେ ଅଟକ ରଖାଯିବା ପ୍ରତିବାଦରେ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଥାନା ଘେରଉ କରାଯାଇଛି। ପ୍ରକାଶ ଯେ, ତାଳଚେରରୁ କୋଇଲା ପରିବହନ ପାଇଁ ଟ୍ରକ୍ ମାଲିକ ସଙ୍ଘ ପରିବହନକାରୀ ସଂସ୍ଥା , ପ୍ରଶାସନ ଓ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଉପସ୍ଥିତରେ ମିଳିତ ନିଷ୍ପତ୍ତି କ୍ରମେ ଟ୍ରକ୍ ଭଡ଼ା ଧାର୍ଯ୍ୟ କରାଯାଇଛି। କିନ୍ତୁ ନିର୍ଦ୍ଦିଷ୍ଟ କିଛି ପରିବହନକାରୀ ସଂସ୍ଥା ଏହାକୁ ମାନୁନାହାନ୍ତି । ତେଣୁ ଟ୍ରକ୍ ମାଲିକ ସଙ୍ଘ ପକ୍ଷରୁ ବାରମ୍ବାର ଦାବି ସହିତ ଏଥିନେଇ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରାଯାଇଛି। ତେବେ ଗତକାଲି ମୁକେଶ ମହାନ୍ତି ନାମକ ବ୍ୟକ୍ତି ଏକ ପରିବହନ କାର୍ଯ୍ୟରେ ଲିପ୍ତ କର୍ମଚାରୀଙ୍କ ନିଷ୍ପତ୍ତି ମୁତାବକ ଭଡ଼ା କାହିଁକି ଦିଆଯାଉନାହିଁ ବୋଲି ପଚାରି ଧାର୍ଯ୍ୟ ଭଡ଼ାଠାରୁ କମ ଭଡ଼ା ପ୍ରଦାନ ଲାଗି ସଙ୍ଘ ପକ୍ଷରୁ କୁହାଯାଇଥିଲା। ସେଥିନେଇ ଯୁକ୍ତି ତର୍କ ହୋଇଥିଲା। ଏହାକୁ ନେଇ ମୁକେଶ ମହାନ୍ତି ତାଳଚେର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ତାଳଚେର ପୁଲିସ ସଙ୍ଘର କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁଙ୍କୁ ଥାନାରେ ଅଟକ ରଖାଯାଇଛି। ତେବେ ପୂର୍ବରୁ ସଂଘ ପକ୍ଷରୁ କମ ଭଡ଼ା ପ୍ରଦାନ ନେଇ ମୁକେଶଙ୍କ ନାମରେ ଏତଲା ଦିଆଯାଇଥିଲେ ମଧ୍ୟ କାହିଁକି ପୁଲିସ ପକ୍ଷରୁ ଆରେଷ୍ଟ କରାଯାଇନାହିଁ ବୋଲି ଅଭିଯୋଗ କରି ଟ୍ରକ୍ ମାଲିକ ସଙ୍ଘ ପକ୍ଷରୁ ତାଳଚେର ଥାନାକୁ ଶତାଧିକ ଟ୍ରକ ମାଲିକ ଘେରଉ କରିଥିଲେ। ରିପୋର୍ଟ ଲେଖାହେଲା ବେଳକୁ ଥାନା ଘେରଉ ଜାରି ରହିଛି ଓ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଘଟଣା ଉପରେ ସତର୍କ ନଜର ରହିଥିବା ଜଣାପଡିଛି। ସବିଶେଷ ତଥ୍ୟ ଅନୁଯାୟୀ ଏସଡିପିଓ ମାନସ ରଞ୍ଜନ ବାରିକ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି। ଏହି ଘେରଉରେ ଟ୍ରକ ମାଲିକ ସଙ୍ଘ ସଭାପତି ଅରବିନ୍ଦ ଭୁତିଆ ,ସାଧାରଣ ସମ୍ପାଦକ ରତନ ଶତପଥୀ ,ଦିଲୀପ ପାଣି , ନିରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଟ୍ରକ୍ ମାଲିକ କର୍ମକର୍ତ୍ତା ସାମିଲ ଥିଲେ।




## ବିଜୁବାବୁଙ୍କ ଜୟନ୍ତୀ ପାଳିତ

**ଛେଣ୍ଡିପଦା,୫।୩(ସମିସ)**: ଛେଣ୍ଡିପଦା ବ୍ଲକର ବନଦୁର୍ଗା ପୀଠ ନିକଟରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁବାବୁଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଛେଣ୍ଡିପଦା ବିଜୁ ଜନତା ଦଳର ବ୍ଲକ ସଭାପତି ଶରତ କୁମାର ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ସହ ପର୍ଯ୍ୟବେକ୍ଷକ ନେପୁ ଦାସ, ଜିଲ୍ଲା ପରିଷଦ ପ୍ରଦୀପ ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲ୍ଲା ପରିଷଦ ସଭ୍ୟା ଭାନୁପ୍ରିୟା ପ୍ରଧାନ ପ୍ରମୁଖ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଭାରେ ଟାଙ୍ଗିରି ସରପଞ୍ଚ ଅମରେଶ ନାଥ, ଜନ୍ମେଜୟ ମାଝୀ, ଆରତୀ ଗଡ଼ନାୟକ, ପ୍ରଦୀପ ଗଡ଼ନାୟକ, ଶିଶିର କୁମାର ଗଡ଼ନାୟକ,,ପ୍ରତାପ ସାହୁ, ଜୋନ ପର୍ଯ୍ୟବେକ୍ଷକ ଅମ୍ବିକା ବେହେରା, ସନ୍ତୋଷ ସାହୁ, ଆଶିଷ ପ୍ରଧାନ, ଦିଲୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ନିର୍ବାଚନ ମଣ୍ଡଳି ସଭାପତି ସତ୍ୟବ୍ରତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ

**ଢେଙ୍କାନାଳ, ୫।୩ (ସିମିସ)** : ସହର ନିକଟସ୍ଥିତ ସିମିଳିଆ ବାଲିସାହିରେ ୬୬ତମ ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି। ୪ ତାରିଖରେ ଅଧିବାସ, ୫ ତାରିଖରେ ନାମଯଜ୍ଞ ଓ ୬ ତାରିଖରେ ନଗର କୀର୍ତ୍ତନ ଏବଂ ପ୍ରସାଦସେବନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଚାଲୁଛି। ମୁଖ୍ୟ ସଂକଳ୍ପ ସୁଧାକର ମଲ୍ଲିକ, ସଭାପତି ବିମଳ ମଲ୍ଲିକ, ଦାମୋଦର ମଲ୍ଲିକ, ଆର୍ତ୍ତବନ୍ଧୁ ମଲିକ, ସଞ୍ଜୀବ ମଲ୍ଲିକ, ସର୍ବେଶ୍ୱର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଶିକ୍ଷା ଅଧିକାର ଆଇନକୁ ଖୋଲା ଉଲ୍ଲଂଘନ

# ଗରିବ ମେଧାବୀଙ୍କ ଲାଗି ଉଦ୍ଦିଷ୍ଟ ୨୫% ସଂରକ୍ଷଣକୁ ନେଇ ପ୍ରଶ୍ନବାଚୀ

**ଢେଙ୍କାନାଳ, ୫।୩ (ସମିସ)**

ଢେଙ୍କାନାଳ ଜିଲ୍ଲାରେ ଶିକ୍ଷା ଅଧିକାର ଆଇନକୁ ଖୁଲମଖୁଲା ଭାବରେ ଉଲ୍ଲଂଘନ କରାଯାଉଥିବା ବେଳେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ମାଗଣା ପାଠ ପଢ଼ିବା ନିମନ୍ତେ ୨୫ ପ୍ରତିଶତ ସଂରକ୍ଷଣକୁ ନେଇ ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାରେ ଗଢ଼ି ଉଠିଛି ମାଳ ମାଳ ଘରୋଇ ବିଦ୍ୟାଳୟ। କିନ୍ତୁ ସରକାରଙ୍କ ଶିକ୍ଷାଧିକାର ଆଇନକୁ ଖୋଲାଖୋଲି ଭାବରେ ଉଲ୍ଲଂଘନ କରାଯାଉଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଏଠାରେ ନିରବଦ୍ରଷ୍ଟା ସାଜିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ଘରୋଇ ବିଦ୍ୟାଳୟ ପ୍ରତି କୌଣସି ଲଗାମ ନଥିବା ଯୋଗୁ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କ୍ରମାଗତ ଭାବରେ ହ୍ରାସ ପାଇବାରେ ଲାଗିଛି।

ଜିଲ୍ଲାରେ ୮ଟି ବ୍ଲକରେ ୧ ହଜାର ୬୨୬ଟି ବିଦ୍ୟାଳୟ ରହିଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ୮୮୨ଟି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୭୧୬ଟି ଏବଂ ମାଧ୍ୟମିକ ବିଦ୍ୟାଳୟ ୨୭୬ଟି ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧ ଲକ୍ଷ ୩୨ ହଜାରୁର ଅଧିକ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ସରକାରଙ୍କ ଶିକ୍ଷା ଅଧିକାର ଆଇନ ୨୦୦୯ ନିୟମ ଅନୁସାରେ ଗରିବ, ସାମାଜିକ ଏବଂ ଅର୍ଥନୈତିକ ଅନଗ୍ରସର ପିଲାମାନଙ୍କୁ ଅଣଅନୁଦାନପ୍ରାପ୍ତ ତଥା ଘରୋଇ ବିଦ୍ୟାଳୟ ଗୁଡିକରେ ୨୫ ଭାଗ ସଂରକ୍ଷଣ ରହିଛି। ସେହି ଛାତ୍ରଛାତ୍ରୀମାନେ ମାଗଣାରେ ପାଠ ପଢ଼ିବା ସହିତ ୨୫ ପ୍ରତିଶତ ସଂରକ୍ଷଣ ଏବଂ ଛାତ୍ରଛାତ୍ରୀଙ୍କ ତାଲିକା ଦେବା ପରେ ବିଦ୍ୟାଳୟକୁ ଏନଓସି ମିଳିବ। କିନ୍ତୁ ଢେଙ୍କାନାଳ ଜିଲ୍ଲାରେ ମାଳ ମାଳ ଘରୋଇ ଓଡିଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଚାଲୁଥିବା ବେଳେ ଏ ସବୁ ଧନୀ ଲୋକଙ୍କ ବିଦ୍ୟାଳୟରେ ପରିଣତ ହୋଇଛି। ଘରୋଇ ବିଦ୍ୟାଳୟ ଗୁଡିକ ଖୋଲାଖୋଲି ଭାବରେ ବ୍ୟବସାୟ ଚଳାଉଥିବା ବେଳେ କୋଟି କୋଟି ଟଙ୍କା ରୋଜଗାର କରି ମାଲେମାଲ ହେଉଛନ୍ତି। ସେମାନଙ୍କ ପାଇଁ କୌଣସି ନୀତି ନିୟମ ନଥିବା ବେଳେ କିଭଳି ଭାବରେ ସେମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ ଏନଓସି ପାଉଛନ୍ତି, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନେକ ବିଦ୍ୟାଳୟ ଏନଓସି ନଥିବା ବେଳେ ସେମାନଙ୍କୁ କିଭଳି ଛାତ୍ରଛାତ୍ରୀଙ୍କୁ ନାମ ଲେଖାଇବାକୁ ଅନୁମତି ଦିଆଯାଉଛି ତାକୁ ନେଇ ବି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣାପଡ଼ିଛି ଯେ, ଜିଲ୍ଲରେ କେବଳ ଗୋଟିଏ ମାତ୍ର ବିଦ୍ୟାଳୟରେ ୨୫ଭାଗ ସଂରକ୍ଷଣ ରହିଛି। କିନ୍ତୁ ଏହାର ବାସ୍ତବତା ନେଇ ପ୍ରଶ୍ନ ଉଠୁଛି। ଅନେକ ବିଦ୍ୟାଳୟ ୨୫ ଭାଗ ସଂରକ୍ଷଣରେ ଛାତ୍ରଛାତ୍ରୀଙ୍କୁ ନାମ ନ ଲେଖାଇ କେବଳ କାଗଜପତ୍ରରେ ଦର୍ଶାଇ ବିଦ୍ୟାଳୟ ଚଳାଉଥିବା ଆଲୋଚନା ହେଉଛି। ବର୍ତ୍ତମାନ ଗଣଶିକ୍ଷା ବିଭାଗ ତରଫରୁ ମାଗଣାରେ ଘରୋଇ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବିଭିନ୍ନ ଗଣମାଧ୍ୟମରେ ସୂଚନା ପ୍ରଦାନ କରାଯାଉଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାର ଅଭିଯୋଗ ହୋଇଛି। ଗରିବ ଶ୍ରେଣୀର ଲୋକମାନେ ମାଗଣାରେ ନାମ ଲେଖାଇବାକୁ ଥିବା ବେଳେ କୌଣସି ପ୍ରକାରର ସଚେତନତା କରାଯାଉନାହିଁ।

ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଭାବରେ ଉଲ୍ଲଂଘନ କରାଯାଉଥିବା ବେଳେ ଶିକ୍ଷା ଅଧିକାର ଆଇନକୁ ଉଲ୍ଲଂଘନ କରି ବିଦ୍ୟାଳୟ ଚାଲୁଥିଲେ ମଧ୍ୟ ଡିଇଓ, ବିଇଓମାନେ ସେହି ବିଦ୍ୟାଳୟକୁ ଅହେତୁକ ଅନୁକମ୍ପା ଦେଖାଉଥିବା ଜଣାପଡ଼ିଛି। ସେହିପରି ସରକାରୀ ସ୍ତରରେ ଜିଲ୍ଲା ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ବ୍ଲକ ଶିକ୍ଷାଧିକାରୀଙ୍କ ପର୍ଯ୍ୟନ୍ତ ଏହା ତଦାରଖ କରିବାର ନିୟମ ଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ବ୍ଲକସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ

**ଛେଣ୍ଡିପଦା,୫।୩(ସମିସ)**: ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ମଙ୍ଗଳବାର ବ୍ଲକସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ସାହୁ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ସାମ୍ବାଦିକ ସୁଶାନ୍ତ କୁମାର ପ୍ରଧାନ, ହଟକିଶୋର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ



ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ବୈଠକରେ ଉପସ୍ଥିତ ଅତିଥି ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ନିର୍ବାଚିତ ପ୍ରତିନିଧି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ଉପାଧିରେ ଭୂଷିତ କରିବା ପାଇଁ ଦାବି କରିଥିଲେ । ଟାଙ୍ଗିରି ସରପଞ୍ଚ ଅମରେଶ ନାଥ, କମ୍ପସଲା ସରପଞ୍ଚ ବାବୁଲି ପ୍ରଧାନ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ ।

## ଷ୍ଟାଲିନଙ୍କ ମୃତ୍ୟୁ ଦିବସ ପାଳିତ

**କଣିହାଁ, ୫।୩(ସମିସ)**: ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ମହାନ୍ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଷ୍ଟାଲିନଙ୍କ ମୃତ୍ୟୁ ଦିବସକୁ ଏସୟୁସିଆଇ (କମ୍ୟୁନିଷ୍ଟ) କଣିହାଁ ଆଞ୍ଚଳିକ କମିଟି ପକ୍ଷରୁ ଗଦାଶିଳାସ୍ଥ ପାର୍ଟି ଅଫିସଠାରେ ପାଳନ କରାଯାଇଛି । ଏସୟୁସିଆଇ (କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର ରକ୍ତ ପତାକା ଉତ୍ତୋଳନ କରିଥିଲେ। ଷ୍ଟାଲିନଙ୍କ ଫଟୋଚିତ୍ରରେ ମାଲ୍ୟର୍ପଣ କରାଯିବା ପରେ ସଙ୍ଗୀତ ଗାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଏସୟୁସିଆଇ (କମ୍ୟୁନିଷ୍ଟ) କଣିହାଁ ଆଞ୍ଚଳିକ କମିଟିର ସଂପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ ପରିଚାଳନା କରିଥିବା ବେଳେ ମାନସୀ ସ୍ୱାଇଁ, ପରମାନନ୍ଦ ସାହୁ, ଦୁଃଖୀଶ୍ୟାମ ମଲ୍ଲିକ, ପ୍ରତାପ ପ୍ରଧାନ, ଟୁନା ନାଏକ, ପ୍ରତାପ ସାହୁ, ବୈଦେହୀ ପ୍ରଧାନ, କିଶୋର ବିଶ୍ୱାଳ, ଗନ୍ଧର୍ବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

